# ସୁଜାତା, ସ୍ମୃତିରେଖା, ବବିତାଙ୍କ ନାମାଙ୍କନ ଦାଖଲ





ଯାଜପୁର ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସୁଜାତା ସାହୁ, ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହି ଓ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ବବିତା ମଲ୍ଲିକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ସରିଲା ନାମାଙ୍କନପତ୍ର ଦାଖଲ**

■ ଶେଷ ଦିବସରେ ୩୦ ପ୍ରାର୍ଥୀଙ୍କ ସହ ମୋଟ୍ ୮୪ ନାମାଙ୍କନ ପତ୍ର ଦାଖଲ

ଯାଜପୁର ଟାଉନ,୧୪।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି। ଶେଷ ଦିବସରେ ୩୦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯାଜପୁର (ସଂରକ୍ଷିତ) ଲୋକସଭା ଆସନ ପାଇଁ ସମୁଦାୟ ୮ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରିଥିବା ବେଳେ ବିଞ୍ଝାରପୁର (ସଂରକ୍ଷିତ) ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳରୁ ୪ ପ୍ରାର୍ଥୀ, ବରୀ ପାଇଁ ୫, ବଡ଼ଚଣା ପାଇଁ ୬, ଧର୍ମଶାଳା ପାଇଁ ୯, ଯାଜପୁର ପାଇଁ ୫, କୋରେଇ ପାଇଁ ୯ ଏବଂ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ ଜଣଙ୍କ ସମେତ ମୋଟ୍ ୮୪ ଜଣ ପ୍ରାର୍ଥିନୀପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯାଜପୁର ଲୋକସଭା ଆସନ ନିମନ୍ତେ ସ୍ୱାଧୀନପ୍ରାର୍ଥୀଭାବେ ସୁମନ୍ତ ମଲ୍ଲିକ, ବିଦ୍ୟାଧର ଦଳେଇ, ନରେନ୍ଦ୍ର ମଲ୍ଲିକ, ଭୈରବ ପ୍ରସାଦ ବେହେରା ଏବଂ ମଣ୍ଟୁ ସେଠୀ ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଯାଜପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ସୁଜାତା ସାହୁ କାଳୀମେଘାରୁ ଏକ ଶୋଭାଯାତ୍ରାରେ ଆସି ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଛନ୍ତି। କାଳୀମେଘାଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ବିଜେଡି ପ୍ରାର୍ଥିନୀଙ୍କ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। ଏଥିରେ ଯାଜପୁର ନିର୍ବାଚନମଣ୍ଡଳୀର ସମର୍ଥକମାନେ ଯୋଗଦେଇଥିଲେ। ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମରେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ ମଲ୍ଲିକ, ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, ବରିଷ୍ଠ ନେତା କର୍ଣ୍ଣାଟ କେଶରୀ ଦାସ, ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର, ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଦଶରଥପୁର ବ୍ଲକ୍ ଅଧକ୍ଷ ଦିଗମ୍ବର ମଲ୍ଲିକ, ଯାଜପୁର ବ୍ଲକ୍ ସଭାପତି ପରେଶ ବିଶ୍ୱାଳ, ବଳଭଦ୍ର ଦାସ, ସରପଞ୍ଚ ମନିଦୀପା ରାୟ, କାଉନସିଲର ହେମାଙ୍ଗିନୀ ମହାନ୍ତି ଓ ସରିତା ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରଭାସଜ୍ୟୋତି ମହାନ୍ତି, ଦିଗମ୍ବର ବେହେରା, ସୁଭାଶିଷ ମହାପାତ୍ର ନାମାଙ୍କନପଦ୍ର ଦାଖଲ କରିଛନ୍ତି। କୋରେଇ ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀଭାବେ ଅଟଳ କୁମାର ଜେନା, ତ୍ରିନୟନ ରଥ ଓ ବିନୋଦ ବିହାରୀ ଜେନା ନାମାଙ୍କନପତ୍ର ଦାଖଲ କରିଛନ୍ତି।

ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥିନୀ ବବିତା ମଲ୍ଲିକ ତାଙ୍କର ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରୀ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ନିମାଇଁ ଚରଣ ରାୟ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନ ପ୍ରାର୍ଥୀଭାବେ ଅଶୋକ ବେହେରା ଏବଂ ଅଜୟ ଧଳ ନାମାଙ୍କନପ୍ରତ ଦାଖଲ କରିଛନ୍ତି। ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀଭାବେ ମନୋରଞ୍ଜନ ଜେନା, ଲକ୍ଷ୍ମୀ ମଲ୍ଲିକ, ଅଜୟ ଅନୁରାଗ ମହାନ୍ତି, ତରଣୀ ମଲ୍ଲିକ ଓ ମାନସ କୁମାର ରାଉତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଧର୍ମଶାଳା ନିର୍ବାଚନମଣ୍ଡଳୀ ନିମନ୍ତେ ଭାଜପା ପକ୍ଷରୁ ସ୍ମୃତିରେଖା ପହି ଜାରକାଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ହିମାଂଶୁ ଶେଖର ସାହୁ ଓ ପୁରୁଷୋତ୍ତମ ବେହେରା ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୁକିନ୍ଦା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୟାଲରତନ ମହାନ୍ତ, ଅଭିମନ୍ୟୁ ରଥ, ଦୀପକ ନାୟକ, ସନ୍ଦୀପ ଚକ୍ର ଓ ରଞ୍ଜିତ କୁମାର ଜାମୁଦା ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ବିଞ୍ଝାରପୁର ଭାଜପାରେ କନ୍ଦଳ

ବିଞ୍ଝାରପୁର,୧୪।୫(ରାମକୃଷ୍ଣ ଦାସ):

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ବବିତା ମଲ୍ଲିକଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ଦଳୀୟ କନ୍ଦଳ ପଦାକୁ ଆସିଛି। ଏଥିରେ ଭାଜପା ନେତା ଅମିୟ ମଲ୍ଲିକ ଓ ଗତ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ଅନେକ କର୍ମୀ ସାମିଲ ହୋଇନାହାନ୍ତି।

ଏହି ଆସନରୁ ଅମୀୟ ମଲ୍ଲିକ ଓ ବବିତା ମଲ୍ଲିକ ଟିକଟ ପାଇଁ ଦାବିଦାର ରହିଥିଲେ। ହେଲେ ଭାଜପା ବବିତାଙ୍କୁ ପ୍ରାର୍ଥୀ କରି ଅମିୟଙ୍କୁ ନିରାଶ କରିଥିଲା। ଅମିୟଙ୍କୁ ଟିକେଟ ନ ମିଳିବା ପରେ ତାଙ୍କ ସମର୍ଥକମାନେ ଦଳୀୟ ନେତୃମଣ୍ଡଳୀଙ୍କ ଉପରକୁ ଆଙ୍ଗୁଳି ଉଠାଇଥିଲେ। ଦଳ ପରିବର୍ତ୍ତନ ନୁହଁ ବରଂ ପରୋକ୍ଷରେ ଦୁର୍ବଳ ପ୍ରାର୍ଥୀ ଦେଇ ପରୋକ୍ଷୋରେ ବିଜେଡିକୁ ସମର୍ଥନ କରୁଥିବା ପ୍ରକାଶ କରି ଭାଜପା ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କ ଉପରେ ବର୍ଷିଥିଲେ। ତେବେ ବିଞ୍ଝାରପୁରରେ ବବିତା ପ୍ରାର୍ଥୀ ହେବା ପରେ ଦଳରେ ଥିବା ଗୋଷ୍ଠୀ କନ୍ଦଳ ଆହୁରି ତୀବ୍ର ହେବା ସହିତ ଅମିୟଙ୍କ ସମର୍ଥକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଅମିୟ ଦଳ ଛାଡିବା ନେଇ ଚର୍ଚ୍ଚା ହୋଇଥିଲେ ମଧ୍ୟ ବିଞ୍ଝାରପୁର ଭାଜପା ବରିଷ୍ଠ ନେତୃମଣ୍ଡଳିମାନେ ତାଙ୍କୁ ବୁଝାସୁଝା କରିବାକୁ ପ୍ରୟାସ କରିଆସୁଥିଲେ। ମଙ୍ଗଳବାର ବବିତା ସିଂହପୁରସ୍ଥିତ କାକୁଡି ପଡ଼ିଆରୁ ଏକ ବିଶାଳ ରୋଡ ଶୋ'ରେ ବାହାରି ନାମାଙ୍କନ ଦାଖଲ କରିବାକୁ ଯାଇଥିଲେ। ହେଲେ ଏହି ରୋଡ ଶୋ'ରେ ଅମିୟ କିମ୍ବା ତାଙ୍କ ସମର୍ଥକ ସାମିଲ ହୋଇ ନ ଥିଲେ। ଏହାବାଦ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ଜିଲାପରିଷଦ ପ୍ରାର୍ଥୀ ହୋଇଥିବା ଏକାଧିକ ପ୍ରାର୍ଥୀ ମଧ୍ୟ ବବିତାଙ୍କ ନାମାଙ୍କନ ଶୋଭାଯାତ୍ରାରେ ଅନୁପସ୍ଥିତ ରହିଥିଲେ। ଏସବୁ ଘଟଣା ବିଞ୍ଝାରପୁର ଭାଜପାରେ ଚାଲିଥିବା ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି। ନିଜ ଦଳର କର୍ମକର୍ତ୍ତାଙ୍କୁ ସଂଗଠିତ କରିବାରେ ବିଫଳ ବବିତା ବିଞ୍ଝାରପୁର ବିଜେଡି ଗଡ଼କୁ କିଭଳି ଦୋହଲାଇବେ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଧରିଛି। ତେବେ ଭାଜପା ଅନେକ ପୁରୁଣା କର୍ମୀଙ୍କୁ କୋଣଠେସା କରିଥିବାରୁ ଦଳରେ ନୂଆ ପୁରୁଣା ଭେଦଭାବ ଚଳିତ ନିର୍ବାଚନରେ ଦେଖିବାକୁ ମିଳିପାରେ ବୋଲି ଆକଳନ କରାଯାଉଛି।

# କୋରେଇ ଏଏପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ଏଏପି ପକ୍ଷରୁ ବିଧାୟକ ପ୍ରାର୍ଥୀ ତ୍ରିନୟନ ରଥ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

ଯାଜପୁରରୋଡ୍,୧୪।୫ (ପବିତ୍ର ରଞ୍ଜନ ମହାନ୍ତି):

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ କୋରେଇ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତ୍ରିନୟନ ରଥ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ତାଙ୍କ କୋରେଇ ଲକ୍ଷ୍ମୀନଗରସ୍ଥିତ ବାସଭବନରୁ ସମର୍ଥକଙ୍କ ଗହଣରେ ଏକ ବିରାଟ ରୋଡ୍ ଶୋରେ ବାହାରି ଯାଜପୁର ଉପଜିଲାପାଳଙ୍କ କାଯର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ସେଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏଥିରେ ଏଏପିର ଜିଲା ସଭାପତି ମନୋଜ ମହାନ୍ତି, କୋରେଇ ବ୍ଲକ ସଭାପତି ବାସୁକିଶୋର ଦାସ ପ୍ରମୁଖଙ୍କ ସମେତ ୩୫ ପଞ୍ଚାୟତର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ପଥରପଦାରେ ଆକାଶଙ୍କ ପ୍ରଚାର



କର୍ମୀଙ୍କ ସହ ଆକାଶ ଦାସନାୟକ ପ୍ରଚାର କରୁଛନ୍ତି।

ପାଣିକୋଇଲି,୧୪।୫(ବିକାଶ ମଲ୍ଲିକ)

କୋରେଇ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକଙ୍କ ପଥରପଦା ପଞ୍ଚାୟତର ଘର ଘର ବୁଲି ପ୍ରଚାର କରିଛନ୍ତି। ସେ ପଥରପଦା, କାଜିପାଟଣା, ନୂଆଗାଁ, ନୂଆପଦା, ଓଉପଦା, ମହମ୍ମଦ ଜମାଲପୁର, ଦାମୋଦରପୁର, ଓଟିନ୍ଦା, ମୁଲରୀ, ତାଜପୁର ଓ ଖସାଗଡିଆ ଆଦି ଗ୍ରାମ ପରିକ୍ରମା କରିଛନ୍ତି। ଲୋକେ ଦାସନାୟକଙ୍କୁ ବିପୁଳ ସମର୍ଥନ କରୁଛନ୍ତି। ମହିଳାମାନେ ହୁଳହୁଳି ଓ ବନ୍ଦାପନା କରି ତାଙ୍କୁ ସ୍ୱାଗତ କରୁଛନ୍ତି। ଆକାଶଙ୍କ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ପାଣିକୋଇଲି,୧୪।୫(ବିକାଶ ମଲ୍ଲିକ):

ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ସମ୍ମିଳନୀ ମଙ୍ଗଳବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ସମୀର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଅତିଥି ଭାବେ ଓଡ଼ିଶା ସଂଗଠନର ମନ୍ତ୍ରୀ ଶରତ ପ୍ରଧାନ, ଉପସଭାପତି ପ୍ରଶାନ୍ତ ପଣ୍ଡା, ସସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ବଜରଙ୍ଗ ଦଳ(ପଶ୍ଚିମ ପ୍ରାନ୍ତ)ର ଗୋ-ରକ୍ଷା ପ୍ରମୁଖ ଅଶୋକ ବାରିକ, ଭାରତୀୟ ମଜଦୁର ସଂଘ ଓଡ଼ିଶା ରାଜ୍ୟ ଶାଖାର ସଂଗଠନ ମନ୍ତ୍ରୀ ଲକ୍ଷ୍ମଣ ଦାସ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଚନ୍ଦ୍ରକାନ୍ତ କର, କେନ୍ଦ୍ରାପଡ଼ା ଜିଲା ବିଶ୍ୱହିନ୍ଦୁ ପରିଷଦର ସଭାପତି ଅକ୍ଷୟ ବଳ ପ୍ରମୁଖ ଯୋଗଦେଇ ଉପସ୍ଥିତ ସଭ୍ୟମାନଙ୍କୁ ପରିଷଦର କାର୍ଯ୍ୟ ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ଏଥିସହିତ ସଙ୍ଗଠିତ ଭାବେ ରାଷ୍ଟ୍ରର ହିତ ଓ ହିନ୍ଦୁ ଧର୍ମ ତଥା ଗୋ-ମାତାର ରକ୍ଷା ନିମନ୍ତେ ନିଜର ଦାୟିତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।



ସମ୍ମିଳନୀରେ ଯୋଗ ଦେଇଥିବା ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଓ ଅନ୍ୟମାନେ।

# ବସ୍ ଅଟକାଇଲେ ଭାଜପା କର୍ମୀ

କାଏମା,୧୪।୫(ଶିବ ପ୍ରସାଦ ମହାନ୍ତି):

ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ସ୍ମୃତିରେଖା ପହି ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବାକୁ ଯାଇଥିବାବେଳେ ତାଙ୍କ କର୍ମୀମାନେ ଜାରକାରେ ଏକ୍ ବସ୍‌କୁ ଅଟକାଇ ଯାତ୍ରୀଙ୍କୁ ହଇରାଣ କରିଥିବା ଅଭିଯୋଗ ହୋଇଛି। ପୂର୍ବାହ୍ନ ୧୧ଟା ସମୟରେ ଜାରକା ମେଲଣ ପଡିଆରୁ ସ୍ମୃତିରେଖାଙ୍କ ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ ଏକ ବସ ଯାତ୍ରୀ ନେଇ କଟକରୁ ବରୀ ଅଭିମୁଖେ ଆସୁଥିଲା। ଜାରକା ଫାଣ୍ଡି ନିକଟ ସର୍ଭିସ ରୋଡ ରାସ୍ତା ଫାଙ୍କାଥିବା ବେଳେ ହଠାତ୍ କେତେଜଣ ଭାଜପା କର୍ମୀ ଦାଦାଗିରି ଦେଖାଇ ରାସ୍ତା ଉପରେ ବସକୁ ଅଟକାଇ ଦେଇଥିଲେ। ବସ ଡ୍ରାଇଭର ଜଣଙ୍କ ରାସ୍ତା ଫାଙ୍କା ଥିବା ଦେଖି ଛାଡ଼ିବା ପାଇଁ କହିଥିଲେ ବି କେହି ଶୁଣି ନଥିଲେ, ଓଲଟି ତାଙ୍କୁ ହାତ ଦେଖାଇ ଚୁପ ରହିବାକୁ କହିଥିଲେ। ବସ ଡ୍ରାଇଭର ଏହାକୁ ନିନ୍ଦା କରିବା ସହ ଏମାନେ ଜାଣିଶୁଣି ଯାତ୍ରୀଙ୍କୁ ହଇରାଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ।

# ପ୍ରଶାସନ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ



ବ୍ରହ୍ମବରଦା,୧୪।୫ (ଯଯାତି କେଶରୀ ବେହେରା):

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ମୁଖ୍ୟ ରାସ୍ତାରେ ଗାଡ଼ିମୋଟର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। ଏହିକ୍ରମରେ ମଙ୍ଗଳବାର ବ୍ରହ୍ମବରଦା ଥାନା ଅଧୀନ ବରୁଆଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତାର ବଜାରଘାଟ ନିକଟ ବ୍ରାହ୍ମଣୀ ନଦୀପୋଲ ମୁଣ୍ଡରେ ଗାଡିମୋଟର ଯାଞ୍ଚ କରାଯାଇଛି। ଧର୍ମଶାଳା କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶିନୀଙ୍କ ଉପସ୍ଥିତରେ ଧର୍ମଶାଳା ପୋଲିସ ସହାୟତାରେ ଦୁଇଚକିଆ ଯାନଠାରୁ ଆରମ୍ଭ କରି ୬ ଚକିଆ ଯାନ ପର୍ଯ୍ୟନ୍ତ ଯାଞ୍ଚ କରାଯାଇଛି। ବିଶେଷକରି ମଦ, ଡ୍ରଗ୍ସ ଓ ଟଙ୍କା ପରି ଲୋଭନୀୟ ସାମଗ୍ରୀ ପରିବହନକୁ ଯାଞ୍ଚ ପ୍ରକ୍ରିୟାରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଅଧିକାରୀ ଶୁଭଦର୍ଶିନୀ କହିଛନ୍ତି।

# ବରୀ ବିଜେଡିରେ ଦଳଡିଆଁଙ୍କୁ ନେଇ ଚିନ୍ତା

**ସେବେ ବ୍ୟବହାର ହେଉଥିଲେ, ଏବେ ଦଳ ଛାଡୁଛନ୍ତି**

ରସୁଲପୁର,୧୪।୫(ରଂଜିତ ରାଉତ):

ବରୀ ନିର୍ବାଚନମଣ୍ଡଳୀରେ ୩ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କପତ୍ର ଦାଖଲ ପରେ ଦଳୀୟ ପ୍ରଚାର ତୀବ୍ର ହେବାକୁ ଯାଉଛି। ଏଭଳି ସ୍ଥିତିରେ ବିଜେଡିକୁ ଦଳଡିଆଁ ଚିନ୍ତା ଘାରିଛି। ନିର୍ବାଚନ ପୂର୍ବରୁ ଦଳ ଯାହାକୁ ପ୍ରମୁଖ ଅସ୍ତ୍ର ଭାବରେ ବ୍ୟବହାର କରୁଥିଲା, ଏବେ ସେହି ପ୍ରମୁଖ ଜନପ୍ରତିନିଧିମାନେ ଦଳ ଛାଡୁଥିବା ଲକ୍ଷ୍ୟ କରାଯାଉଛି। ନିର୍ବାଚନକୁ ଆଉ ମାତ୍ର ୨ସପ୍ତାହ ବାକି ରହିଲା। ଦଳରେ ଏହି ପ୍ରକ୍ରିୟା ଜାରି ରହିଲେ ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି।

୨୦୧୯ ନିର୍ବାଚନ ଫଳାଫଳକୁ ଲକ୍ଷ୍ୟକଲେ ବରୀରେ ବିଜେଡି ଓ ଭାଜପା ମଧ୍ୟରେ ଜିତିବା ବ୍ୟବଧାନ ମାତ୍ର ୪୦୬୨ ଭୋଟ ଥିଲା। ବରୀର ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସଙ୍କୁ ୭୨,୨୨୯ଖଣ୍ଡ ଭୋଟ ମିଳି ଥିବାବେଳେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ୬୮,୪୯୭ଖଣ୍ଡ ଭୋଟ ମିଳିଥିଲା। ଏହି ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୧୦ ପଞ୍ଚାୟତରୁ ବିଜେଡିକୁ ମିଳିଥିବା ଅଗ୍ରଣୀ ଭୋଟ ସୁନନ୍ଦାଙ୍କୁ ଜିତାଇବାରେ ସହାୟକ ହୋଇଥିଲା। ମାତ୍ର ସେହି ଅଞ୍ଚଳରେ ଦଳଡିଆଁମାନେ ବିଜେଡି ପାଇଁ ଚିନ୍ତାର କାରଣ ସାଜିଛନ୍ତି। ତା' ଉପରେ ନଜର ପକାଇଲେ ଜଣାଯାଏ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ରାଜେନ୍ଦ୍ରପୁର ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରା, ସାମନ୍ତାରାପୁର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାଳିକ, ଅତଲାପୁର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାହୁ ଓ ସମବାୟ ନେତା ବିଦ୍ୟାଧର କରଣ ପ୍ରମୁଖ ଦଳ ଛାଡି ଭାଜପାରେ ଯୋଗ ଦେଇ ସାରିଛନ୍ତି। ଏମାନେ ସମସ୍ତ ବିଜେଡିରେ ପ୍ରମୁଖ ସେନା ଥିଲେ। ଦଳ ପାଇଁ ଭୋଟ ସଂଗ୍ରହ କରିବାରେ ଅଗ୍ରଣୀ ଭୂମିକା ଅର୍ଜନ କରିଆସୁଥିଲେ। ନିର୍ବାଚନର ବର୍ଷକ ପୂର୍ବରୁ ଏମାନେ ସମସ୍ତେ ବିଧାୟିକା ସୁନନ୍ଦା ଦାସଙ୍କୁ ବିରୋଧ କରି ମେଳି ବାନ୍ଧି ଥିଲେ। ଅର୍ଥଗାଁ ପଞ୍ଚାୟତର ଅଳପୁଆଠାରେ ମେଳି ହୋଇ ବିଧାୟିକାଙ୍କ କାର୍ଯ୍ୟାଧାରାକୁ ସମାଲୋଚନା କରିଥିଲେ। ସେତେବେଳେ ବିଜେଡି ନେତାମାନେ ଏମାନଙ୍କୁ ବ୍ୟବହାର କରି ବିଧାୟିକାଙ୍କୁ ବରୀରୁ ବିଦା କରିବା ଚକ୍ରାନ୍ତ କରିଥିଲେ। ସେଥିରେ ଚକ୍ରାନ୍ତକାରୀମାନେ ସଫଳ ହେଲେ, ଶେଷରେ ବରୀରେ ବିଜେଡି ବିଧାୟିକା ସୁନନ୍ଦାଙ୍କ ଟିକେଟ କାଟି ବିଶ୍ୱରଞ୍ଜନଙ୍କୁ ପ୍ରାର୍ଥୀ କରିଛି। ହେଲେ ଅସ୍ତ୍ର ଭାବରେ ବ୍ୟବହାର ହୋଇଥିବା ପୁରୁଣା ନେତାମାନଙ୍କୁ ଧରି ରଖିବାରେ ଦଳ ବିଫଳ ହୋଇଛି। ଏହି ନେତାମାନେ ବିଜେଡି ଛାଡି ଭାଜପାରେ ମିଶିବା ପରେ ଭାଜପାର ବଳ ବଢ଼ିଛି। ତେବେ ଏହି ବଳ ଦଳକୁ ବିଜୟୀ କରିବାରେ କେତେ ସହାୟକ ହେଉଛି ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇପାରିବ। ଆଉ ଦଳଡିଆଁରୁ ବିଜେଡିକୁ ପହଞ୍ଚିଥିବା କ୍ଷତିକୁ ଭରଣା କରିବା ପାଇଁ ଦଳ କି ରଣନୀତି ଆପଣଉଛି ତା ଉପରେ ସମସ୍ତଙ୍କର ନଜର ରହିଛି।

ବରୀ ନିର୍ବାଚନମଣ୍ଡଳିରେ ୩ଟି ପ୍ରମୁଖ ଦଳ ମଧ୍ୟରେ ଲଢେଇ ସୀମିତ ରହିନାହିଁ। ଏଠାରେ ନବ ନିର୍ମାଣ କୃଷକ ସଂଗଠନ ନିମାଇଁ ରାୟଙ୍କୁ ପ୍ରାର୍ଥୀ କରିଛି। ଚାଷୀ ନେତା ରାୟଙ୍କ ପ୍ରାର୍ଥିତ୍ୱ କୃଷକମାନଙ୍କ ଭୋଟକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଉଭୟ ବିଜେଡି ଓ ଭାଜପାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବଳଭଦ୍ର ଦାସ

ଯାଜପୁର ଟାଉନ,୧୪।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର କଂଗ୍ରେସରୁ ଇସ୍ତଫା ଦେଇ ବଳଭଦ୍ର ଦାସ ବିଜେଡିରେ ମିଶିବା ପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।



ବଳଭଦ୍ର ଦାସ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।



ସମାଜବାଦ ପାର୍ଟି ପ୍ରାର୍ଥୀ ବିନିତା ମଲ୍ଲିକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ମିନତି ସୁନ୍ଦର ରାୟ



ଚିତ୍ତରଞ୍ଜନ ନାୟକ



ଅଜିତ କୁମାର ରାୟ



ଲୋକନାଥ ମହାନ୍ତି



ଦେବେନ୍ଦ୍ର ଶର୍ମା

# ଶେଷ ଦିନରେ ୨୬ ଜଣଙ୍କ ନାମାଙ୍କନପତ୍ର ଦାଖଲ

କେନ୍ଦ୍ରାପଡ଼ା,୧୩।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ୨୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଭରିଛନ୍ତି । ଲୋକସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ମହାନ୍ତି ଜିଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏଥିସହିତ ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ପାତ୍ର, ଈଶ୍ୱର ନାୟକ, ବିଏସ୍‌ପି ପ୍ରାର୍ଥୀ ରବିନ୍ଦ୍ରନାଥ ବେହେରା ଓ ସ୍ୱାଧୀନ ପ୍ରାର୍ଥୀ ଶ୍ରୀରାମ ପାଣ୍ଡେ ନାମାଙ୍କନପତ୍ର ଭରିଛନ୍ତି । ସେହିପରି ରାଜନଗର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ସ୍ନେହଲତା ରାୟ, ଅଜିତ କୁମାର ରାୟ ଓ ସମାଜବାଦ ପାର୍ଟି ପ୍ରାର୍ଥୀ ପ୍ରଶାନ୍ତ କୁମାର ପାତ୍ର ରିଟର୍ଣ୍ଣିଂ ଅଫିସର ନିଲୁ ମହାପାତ୍ରଙ୍କୁ, ମହାକାଳପଡ଼ା ପାଇଁ ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାସଙ୍କୁ କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥୀ, ସମାଜବାଦ ପାର୍ଟି ପ୍ରାର୍ଥୀ ଧୀରେନ ଦାସ, ସ୍ୱାଧୀନ ପ୍ରାର୍ଥୀ ଚିତ୍ତରଞ୍ଜନ ନାୟକ ଓ ସ୍ୱାଧୀନ ପ୍ରାର୍ଥୀ ରାଜକିଶୋର ପ୍ରଧାନ, କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ମୂରଲୀଧର ସେଠୀ, ଦୀନବନ୍ଧୁ ମଲିକ, ରଞ୍ଜନ ବେହେରା, ଜନତା ଦରବାରର ପ୍ରାର୍ଥୀ ଶରତ ଚନ୍ଦ୍ର ସେଠୀ, ସମୃଦ୍ଧ ଓଡିଶା ପ୍ରାର୍ଥୀ ସନ୍ତୋଷ ମଲିକ, ଇଣ୍ଡିଆନ ସିଟିଜେନ ପ୍ରାର୍ଥୀ ନରେନ୍ଦ୍ର କୁମାର ମଲିକ ଓ ସମାଜବାଦ ପାର୍ଟି ପ୍ରାର୍ଥୀ ବିନିତା ମଲିକ, ପାଟକୁରା ବିଧାୟକ ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ରୋନିତ ରୋଶନ କାନୁନଗୋ, ବିଭୁତି ଭୂଷଣ ପଣ୍ଡା ଓ ସମାଜବାଦ ପାର୍ଟି ପ୍ରାର୍ଥୀ ପ୍ରଦୀପ୍ତ କୁମାର ମିଶ୍ର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରିଛନ୍ତି । ଆଜି ବିଧାନସଭା ପାଇଁ ପ୍ରତିଦ୍ୱନ୍ଦିତାକୁ ଓହ୍ଲାଇଥିବା ସ୍ୱାଧୀନ ପ୍ରାର୍ଥୀ ପର୍ଶୁରାମ ଦାସ, ଦେବେନ୍ଦ୍ର ଶର୍ମା, ଶ୍ରୀରାମ ପାଣ୍ଡେ ଓ ମୀନତୀ ସୁନ୍ଦର ରାୟ ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ପିତାମ୍ବର ସାମଲଙ୍କୁ ପ୍ରଦାନ କରିଛନ୍ତି । ଅପରପକ୍ଷେ ଗତ ୬ ଦିନରେ ମୋଟ ୬୫ ଫର୍ମ ବିକ୍ରି ହୋଇଥିବା ବେଳେ ନାମାଙ୍କନ ପତ୍ର ଦାଖଲ ସମୟ ଅବଧି ମଧ୍ୟରେ ମୋଟ ୬୧ଟି ଫର୍ମ ଦାଖଲ ହୋଇଥିବା ଜିଲା ପ୍ରଶାସନଠାରୁ ସୂଚନା ମିଳିଛି । ପାଟକୁରାର ଗୋଟିଏ, ଆଳିର ୨ଟି ଓ କେନ୍ଦ୍ରାପଡ଼ା ଲୋକସଭା ଆସନ ପାଇଁ ବିକ୍ରୟ ହୋଇଥିବା ଫର୍ମ ଦାଖଲ ହୋଇନାହିଁ।



ଦୀନବନ୍ଧୁ ମଲ୍ଲିକ



ଈଶ୍ୱର ନାୟକ



ବିଭୂତି ଭୂଷଣ ପଣ୍ଡା

## ଘଡିଆମାଳ, ଈଶ୍ୱରପୁରରେ ଧ୍ରୁବଙ୍କ ରୋଡ଼ଶୋ



ଈଶ୍ୱରପୁର ପଞ୍ଚାୟତରୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ରୋଡ଼ ଶୋ।

ରାଜନଗର,୧୪।୫(ଭାସ୍କର ରାଉତରାୟ)

ନାମାଙ୍କନ ପ୍ରକ୍ରିୟା ସରିବା ପରେ ରାଜନଗର ନିର୍ବାଚନମଣ୍ଡଳୀର ଘଡିଆମାଳ, ଈଶ୍ୱରପୁର ପଞ୍ଚାୟତରୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ମଙ୍ଗଳବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି । ହଂସିଣା ସେତୁ ନିକଟରୁ ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରାରେ ଦୁଇ ପଞ୍ଚାୟତର କର୍ମୀ ବିଧାୟକ ପ୍ରାର୍ଥୀ ସାହୁଙ୍କୁ ପାଛୋଟି ନେଇଥିଲେ। ହଂସିଣା ସେତୁ ନିକଟରୁ ବାହାରିଥିବା ରୋଡଶୋ ଘଡିଆମାଳ, ଦାରୁଓରା, ବଳରାମପୁର, ନୂଆଗାଁ, ଜୁଣଗଡି, ପଞ୍ଚୁପଲ୍ଲୀ, ତଅଁଳାକୋଲା, ନୂଆଖୁଣ୍ଟା, ଶିଳପୋଖରୀ, ବଳଭଦ୍ରପୁର, ଜୁନୁସନଗର, ଅଜଗରପାଟିଆ, ରାଜବିଜୟନଗର, ରିଘାଗଡ, ପୁରୁଷୋତ୍ତମପୁର, ଈଶ୍ୱରପୁର, ଦିଘି, ଜମ୍ବୁସାଗର, ମଧୁପୁର ଆଦି ଗାଁ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ। ଗତ ୫ ବର୍ଷରେ ରାଜନଗର ନିର୍ବାଚନମଣ୍ଡଳୀରେ କରିଥିବା ବିକାଶ ଓ ଆଗାମୀ ୫ ବର୍ଷରେ ସେ କ'ଣ ବିକାଶ କରିବେ ସେ ନେଇ ଭୋଟରମାନଙ୍କୁ କହି ମନ ଜିଣିଥିଲେ। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ନରହରି ଜେନା, ଯୁବ ବିଜେଡି ସମ୍ପାଦକ ସରୋଜ କୁମାର ରାଉତ, ଯୁବନେତା ପ୍ରଭାତ କୁମାର ରାଉଳ, ରବିନ୍ଦ୍ର ସିଂ, ସୁଶାନ୍ତ ବେହେରା, ପବିତ୍ର କରଣ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ଈଶ୍ୱରପୁର ସମିତିସଭ୍ୟା ଶଶିକଳା ବେହେରା, ଘଡିଆମାଳ ପଞ୍ଚାୟତ ସଭାପତି ସୀତାକାନ୍ତ ନାୟକ, ଈଶ୍ୱରପୁର ପଞ୍ଚାୟତ ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ବିଜେଡି ନେତା ନୀଳମଣି ପ୍ରଧାନ, ରାକେଶ କୁମାର ନାୟକ, ବିଜୟ ମଲିକ, ଅନାଦି ମଲିକ, ଲକ୍ଷ୍ମୀଧର ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ, ସାଇରାଜ ସାହୁ, ଗୋବର୍ଦ୍ଧନ ଧଳ, ଶରତ ରାଉତ, ବସ' ନାୟକ, ଅଦ୍ୱୈତ ଜେନା, ଅଞ୍ଜନ ଦାସ, ପ୍ରମୁଖ ଏହି ରୋଡଶୋରେ ସାମିଲ ହୋଇଥିଲେ।

## କେନ୍ଦ୍ରାପଡ଼ାକୁ କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ମିଳିଛି

### ଭାଜପା ଟାର୍ଗେଟରେ ବିଜେଡି ଇସ୍ତାହାର

କେନ୍ଦ୍ରାପଡ଼ା,୧୪।୫(ଜଗନ୍ନାଥ ଧଳ)

ବିଜେଡି ରାଜ୍ୟରେ ଦୀର୍ଘ ୨୫ ବର୍ଷ ଶାସନରେ ରହିଛି । ଏହି ଅବଧି ମଧ୍ୟରେ କେନ୍ଦ୍ରାପଡ଼ା ଜିଲାକୁ କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ମିଳିଛି । ବିଜେଡିକୁ ଏପରି ଟାର୍ଗେଟ କରି କେନ୍ଦ୍ରାପଡ଼ା ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଗରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଆୟୋଜିତ ହୋଇଛି । ରାଜ୍ୟ ମୁଖପାତ୍ର ଜ୍ଞାନଦେବ ବେଉରା, ଜିଲା ଉପସଭାପତି ଅଭିମନ୍ୟୁ ଗୋଛାୟତ ଓ ଜିଲା ମିଡ଼ିଆ ସେଲ ପ୍ରମୁଖ ନେହେରୁ କୁମାର ସାହୁ ଏସମ୍ପର୍କରେ ମତ ରଖିଛନ୍ତି। ସେମାନେ କହିଥିଲେ, ଜିଲାର ପ୍ରତି ବ୍ଲକ ଅଞ୍ଚଳରେ ଅନୁନ୍ୟ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରିବାକୁ ପୂର୍ବ ନିର୍ବାଚନୀ ଇସ୍ତାହାରରେ ଦର୍ଶାଯାଇଥିଲା । ଜିଲାର ଅର୍ଥନୀତି କୃଷିଭିତ୍ତିକ ହୋଇଥିଲେ ମଧ୍ୟ ରାଜନଗର, ଆଳି ଓ ରାଜକନିକା ବ୍ଲକରେ କେନାଲ ଅଦ୍ୟାବଧି ନାହିଁ। ଏପରି କି ୯ରୁ ୬ଟି ବ୍ଲକରେ ୩୫ ପ୍ରତିଶତ କ୍ଷେତକୁ ଜଳସେଚନ ହୋଇପାରିନାହିଁ । ସେହିପରି ଅଳାଇଲୋ ତାପଜ ବିଦ୍ୟୁତ କେନ୍ଦ୍ର, ବରୁଣେଇ ବନ୍ଦର, ଆଖଡାଶାଳୀରେ ନଦୀଭିତ୍ତିକ ବନ୍ଦର, ଇସ୍ପାତ୍ କାରଖାନା ଆଦି ନିର୍ବାଚନୀ ପ୍ରତିଶ୍ରୁତି ଲୋକଙ୍କ ପାଇଁ ପ୍ରତାରଣା ସାବ୍ୟସ୍ତ ହୋଇଛି। କେନ୍ଦ୍ରାପଡ଼ା ଜିଲାକୁ ବିଜୁବାବୁଙ୍କ କର୍ମସ୍ଥଳୀ କହି ବିଜେଡି ଭୋଟ ପାଉଛି । ତେବେ ବିଜୁବାବୁଙ୍କ ଏହି କର୍ମସ୍ଥଳୀରୁ ଯୁବବର୍ଗ ଦାଦନ ଶ୍ରମିକ ଭାବେ ବାହାରକୁ ଯାଉଥିବା ବିଜେଡି ରାଜନେତାଙ୍କ ନଜରକୁ ଆସୁନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଆଦି ମୌଳିକ ସୁବିଧା ପାଇଁ ଅଦ୍ୟାବଧି ଏହି ଜିଲାବାସୀ ଡହଳବିକଳ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭାଜପାକୁ ଜିଲାବାସୀ ସମର୍ଥନ କରୁଥିବା ସେମାନେ ମତବ୍ୟକ୍ତ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

## ନାମାଙ୍କନ ପତ୍ର ଦାଖଲ କଲେ ଲୋକନାଥ

ମହାକାଳପଡ଼ା,୧୪।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଲୋକନାଥ ମହାରଥୀ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେ ନିଜ ଗ୍ରାମର ଗହ୍ମା ଗାଁ ଠାକୁରାଣୀ ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପରିବାର ସଦସ୍ୟ ଓ ଗାଁ ମୁରବୀମାନଙ୍କ ଆଶୀର୍ବାଦ ନେଇ ଶତାଧିକ ସମର୍ଥକ ଓ ଶୁଭେଚ୍ଛୁମାନଙ୍କ ସହ ଏକ ଶୋଭାଯାତ୍ରାରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ । ଏହି ଅବସରରେ ମହାରଥୀ କହିଛନ୍ତି, ଆଜିଠାରୁ ମୋର ରାଜନୈତିକ ଜୀବନ ଯାତ୍ରା ଆରମ୍ଭ। ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଗରିବ,ଖଟିଖିଆ, କୃଷକ ମୂଲିଆ, ଶ୍ରମିକ ଓ ଆଦିବାସୀମାନଙ୍କ ହକ୍ ପାଇଁ ମୋର ଲଢେଇ ହେବ। ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଉପରେ ସେ ଗୁରୁତ୍ୱ ଦେବା ସହିତ ଲୋକମାନଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ମୁଁ ଶପଥ ନେଇଛି । ଜମ୍ବୁ ମୁଖ୍ୟରାସ୍ତା କେନାଲ ବ୍ରିଜ୍ ଦେଇ ସେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



କଂଗ୍ରେସ ବିଧାୟକ ପ୍ରାର୍ଥୀ ଲୋକନାଥ ମହାରଥୀ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

## ଆଳିରେ ଲୁଟେରା ସକ୍ରିୟ

ଆଳି,୧୪।୫(ବନମାଳୀ ସେନାପତି)

ଆଳି ଥାନା ଅଞ୍ଚଳରେ ଗତ ସପ୍ତାହେ ହେବ ଲୁଟେରାମାନେ ସକ୍ରିୟ ହୋଇଛନ୍ତି । ଲୁଟେରାମାନେ ଗୋଟିଏ ପରେ ଗୋଟିଏ ଡକାୟତି ଘଟଣା ଘଟାଇ ଆତଙ୍କ ସୃଷ୍ଟି କରିଥିବା ବେଳେ ପୋଲିସ ସେମାନଙ୍କ ଟେର ପାଉନି। ଗୋଟିଏ ସପ୍ତାହ ମଧ୍ୟରେ ତିନୋଟି ସ୍ଥାନରୁ ଚୋରି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ଗତ ସୋମବାର ରାତିରେ ଆଳି ଥାନା ଅନ୍ତର୍ଗତ ଭୂଇଁପୁର ବାଲିସାହି ଗ୍ରାମର ନିକୁଞ୍ଜ ବିହାରୀ ଦାଶଙ୍କ ଘର ଗ୍ରୀଲ ତାଡ଼ି ଲୁଟେରାମାନେ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ନଗଦ ଟଙ୍କା, ମୋବାଇଲ ଓ ଦାମୀ ବସ୍ତ୍ର ଲୁଟି ନେଇଥିବା ପରିବାର ପକ୍ଷରୁ ଆଳି ଥାନାରେ ଅଭିଯୋଗ ହୋଇଛି ।

ସେହିପରି ଗ୍ରାମର ଅନ୍ୟ ଦୁଇ ଘରେ ଲୁଟେରାମାନେ ଚୋରି କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ସେହିପରି ଗତ ୬ ତାରିଖ ରାତିରେ କୋଳିଡିହ ଗ୍ରାମରେ ଗୋଟିଏ ପରିବାର ସଦସ୍ୟଙ୍କୁ ବାନ୍ଧି ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ନଗଦ ଟଙ୍କା ଲୁଟି ନେଇଥିଲେ । ସେହିପରି ଗତ ୧୦ ତାରିଖ ରାତିରେ ମାନପୁର ରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କ ବଂଶୀ,ମୁକୁଟ, ହାର ଓ କାନଫୁଲ ଲୁଟି ନେଇଛନ୍ତି । ସପ୍ତାହକ ମଧ୍ୟରେ ଲୁଟେରାଙ୍କ ଏଭଳି କାରନାମା ବଢିବା ଯୋଗୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ପୋଲିସ ତୁରନ୍ତ ଲୁଟେରାଙ୍କୁ ଗିରଫ କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା ବଢ଼ାଇବାକୁ ଦାବି ହୋଇଛି ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସେନାନିବୃତ୍ତ ଅଧିକାରୀ

ରାଜକନିକା,୧୪।୫(ସଞ୍ଜୟ କୁମାର ଦାଶ)

ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସେନାନିବୃତ୍ତ ଅଧିକାରୀ ତଥା ସାମାଜିକ କର୍ମୀ ଅକ୍ଷୟ କୁମାର ନାଥ । ସୋମବାର ତାଙ୍କର ୬୦ତମ ଜନ୍ମ ଦିବସ ଅବସରରେ ଓଳାଭରଠାରେ ଥିବା ହସ୍ପିଟାଲରେ ପହଞ୍ଚି ଫଳ ବଣ୍ଟନ କରିବା ସହ ଇନ୍ଦିରାନଗରରେ ଜଣେ ଶତାୟୁ ବୟସ୍କା ଗରିବ ମହିଳା ରମ୍ଭା କୁଣ୍ଡଙ୍କୁ ରାଶନ ସାମଗ୍ରୀ, ଫଳ, ମିଷ୍ଟାନ୍ନ ଓ ବିସ୍କୁଟ ଆଦି ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ତାଙ୍କ ସହଧର୍ମିଣୀ ଜୟନ୍ତୀ ନାଥ ତାଙ୍କୁ ସହଯୋଗ କରିଥିଲେ ।

## ପଟ୍ଟାମୁଣ୍ଡାଇରେ ବୈଜୟନ୍ତ ଓ ଲଳିତଙ୍କ ରୋଡ଼ ଶୋ

### ଆସିଲେନି ଅଲେଖ, ଅଜୟ ଓ ତାଙ୍କ ସମର୍ଥକ



ପଟ୍ଟାମୁଣ୍ଡାଇ,୧୪।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନ ମଣ୍ଡଳୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଭାଜପା କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ଲଳିତ ବେହେରା ମଙ୍ଗଳବାର ଅପରାହ୍ନରେ ଏକ ରୋଡ଼ଶୋ ଓ ବାଇକ୍ ଶୋଭାଯାତ୍ରା କରି ପୌରାଞ୍ଚଳର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ । ଅନୁଷ୍ଠିତ ଏହି ରୋଡ଼ଶୋରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସଭାପତି ଶଶିକାନ୍ତ ସ୍ୱାଇଁ, ନଗର ପ୍ରଭାରୀ ଅମୂଲ୍ୟ ପରିଡ଼ା, ନଗର ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିତା ସାହୁ, ଭାଜପା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନାକାର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ଯୁବନେତା ଭାରତ ଭୂଷଣ ଦାସ,ବରିଷ୍ଠ ନେତା ରବୀନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଜେନା, ପାରେଶ୍ୱର ପାତ୍ର, ଯୁବନେତା ସମୀର ପାତ୍ର, ଦେବାଶିଷ ମଲିକ, ଅଭିରାମ ସାମଲ, ମହେନ୍ଦ୍ର ଜୀବନ ଦାଶ, ଚନ୍ଦନ ପାତ୍ର, ପରେଶ ସାହୁ, ରାଧାମୋହନ ଦାଶ ପ୍ରମୁଖ ଭାଜପା ନେତା ଓ କର୍ମକର୍ତ୍ତା ବାଇକ୍ ଶୋଭାଯାତ୍ରାରେ ଚାହାପଡ଼ା ଛକରୁ ବାହାରି ମାଟିଆ, ବକ୍ତାରପୁର, ପୋଖରୀଆପଡ଼ା, ପଟ୍ଟାମୁଣ୍ଡାଇ ବଜାର, ବାଲିପଡ଼ା, ତଳବାଲିପଡ଼ା କଷଣଅଣ୍ଟା, ତନୁପୁର, ଷଣ୍ଢପଲ୍ଲୀ, ନୂଆଗାଁ, ଅଳଭା, ବେଲତଳ, ଦକ୍ଷିଣଦିଆ ଆଦି ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ପ୍ରଚାର କରିଥିଲେ । ମାତ୍ର ଏହି ରୋଡ଼ଶୋରେ ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଓ ଯୁବନେତା ଅଜୟ କୁମାର ବେହେରାଙ୍କ ଅନୁପସ୍ଥିତି ଦଳ ପାଇଁ ଅଡୁଆ ସୃଷ୍ଟି କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମତଦାନ ଅଧିକାରରୁ ବଞ୍ଚିତ ହେବେ ଦାଦନ ଶ୍ରମିକ

- ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ତଥ୍ୟ ନାହିଁ
- ରାଜ୍ୟରେ ଆବଶ୍ୟକ କାମ ଓ ପାରିଶ୍ରମିକ ମିଳୁ ନାହିଁ

ପଟ୍ଟାମୁଣ୍ଡାଇ,୧୪।୫(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ରାଜନଗର ବିଧାନସଭା କ୍ଷେତ୍ରରେ ଜୁନ୍ ୧ରେ ହେବ ଶେଷ ପର୍ଯ୍ୟାୟ ନିର୍ବାଚନ । ବୃଦ୍ଧାବୃଦ୍ଧଙ୍କ ସହ ବିଭିନ୍ନ ବର୍ଗର ଭୋଟରଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କିନ୍ତୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ଯୁବତୀଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟ ଓ ବିଦେଶକୁ ଯାଇଛନ୍ତି । ସେମାନେ କେମିତି ମତଦାନ କରିବେ ସେ ନେଇ ଏବେ ବି ଦ୍ୱନ୍ଦ୍ୱ ରହିଛି। ସାଧାରଣ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିବା ଦେଶର ସାବାଳକ ନାଗରିକଙ୍କ କର୍ତ୍ତବ୍ୟ ହୋଇଥିଲେ ସୁଦ୍ଧା ନିର୍ବାଚନ ସମୟରେ ଦାଦନ ଶ୍ରମିକମାନେ ଏହି ଅଧିକାରରୁ ବଞ୍ଚିତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

ବରିଷ୍ଠ ନାଗରିକ ପ୍ରେମାନନ୍ଦ ପଣ୍ଡା କୁହନ୍ତି, ପୂର୍ବରୁ ଅଣଜଳସେଚିତ ଅଞ୍ଚଳରୁ ଶ୍ରମିକମାନେ ଦାଦନ ଖଟିବାକୁ ଯିବାର ଦେଖିବାକୁ ମିଳୁଥିଲା । ମାତ୍ର ଏବେ ଜଳସେଚିତ ଅଞ୍ଚଳ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଏଥିରୁ ବାଦ୍ ପଡ଼ିନାହିଁ । ରାଜ୍ୟ ତଥା ଦେଶ ବାହାରକୁ ଦାଦନ ଖଟିବାକୁ ଯାଇ ଶ୍ରମିକମାନେ ବାରମ୍ବାର ନିର୍ଯ୍ୟାତନାର ସମ୍ମୁଖୀନ ହେଉଛନ୍ତି। ଏହାସତ୍ତ୍ୱେ ଜିଲାର ଦାଦନ ସମସ୍ୟା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁ ନାହିଁ । ବର୍ତ୍ତମାନ ସାଧାରଣ ନିର୍ବାଚନକୁ ନେଇ ସାରା ଜିଲା ସରଗରମ ହୋଇ ପଡିଛି। କିନ୍ତୁ ରାଜ୍ୟ ବାହାର ଗୁଜୁରାଟ, କର୍ନାଟକ, କେରଳ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ପଞ୍ଜାବକୁ ଶ୍ରମିକମାନେ ଛୁଆପିଲା ଧରି ଦାଦନ ଖଟିବାକୁ ଯାଇଥିବା ବେଳେ ଅନେକ ପାଣି ପାଇପ ଶ୍ରମିକ ଭାବେ ଆରବକୁ ମଧ୍ୟ ଯାଇଛନ୍ତି । ଏଥିପାଇଁ ସେମାନେ ମତଦାନ ପ୍ରକ୍ରିୟାରେ ସାମିଲ ହୋଇପାରୁ ନାହାନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ଅଧିକାଂଶ ଯୁବତୀଯୁବକ ବାହାରକୁ କର୍ମ ଅନ୍ୱେଷଣରେ ଯାଇ ଥାଇ ପାରନ୍ତି । କିନ୍ତୁ ରେଜିଷ୍ଟ୍ରେଶନରେ କେତେ ସଂଖ୍ୟକ ଶ୍ରମିକ କାମ କରିବାକୁ ଅନ୍ୟ ରାଜ୍ୟକୁ ଯାଇଛନ୍ତି ତାହା ଉଲ୍ଲେଖ ନାହିଁ ବୋଲି ଜିଲା ଶ୍ରମ ଅଧିକାରୀ ଚନ୍ଦନ ମାଝି କହିଛନ୍ତି । ସରକାରୀ ତଥ୍ୟଠାରୁ ବେସରକାରୀ ଭାବେ ଏହା ଢ଼େର ଗୁଣରେ ଅଧିକ ହେବ ବୋଲି ଦାଦନ ସମସ୍ୟା ଉପରେ କାମ କରୁଥିବା ସାମାଜିକ କର୍ମୀମାନେ କହିଛନ୍ତି।

ଉତ୍କଳମଣୀ ଯୁବକସଂଘ ସଭାପତି ଗୌତମ ବେହେରା କହିଛନ୍ତି, କରୋନା ମହାମାରୀ ପରେ ୨୦୨୧-୨୨ରେ ଜିଲାରୁ ପ୍ରାୟ ୬୦ହଜାରୁ ଅଧିକ ଲୋକ ରାଜ୍ୟ ଓ ଦେଶ ବାହାକୁ ଯାଇଥିବା ସଙ୍ଗଠନର ଏକ ସର୍ଭେରୁ ଜଣାପଡ଼ିଥିଲା । ମାତ୍ର ୨ବର୍ଷ ହେଲା ସେହି ସର୍ଭେ ହୋଇ ନ ଥିବାରୁ ବର୍ତ୍ତମାନର ସ୍ଥିତି ଠିକ୍ ଭାବେ ଆକଳନ କରାଯାଇ ପାରୁନାହିଁ । ତଥାପି ଏହା ୩୦ରୁ ୪୦ହଜାର ଅଧିକ ହେବ ବୋଲି ସେ କହିଛନ୍ତି। ସେଥିମଧ୍ୟରୁ କେବଳ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରୁ ଅଧିକାଂଶ ଲୋକ ରହିଥିବା ସେ ପ୍ରକାଶ କରିଛନ୍ତି ।

ସାମାଜିକ କର୍ମୀ ପ୍ରବୀର ନାୟକଙ୍କ କହିବା ଅନୁଯାୟୀ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଓ ରାଜନଗରରୁ ୨୫ଶହ କି.ମି.ଦୂର କେରଳକୁ ଦାଦନ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ବସ୍ ଚାଲୁଛି । ଏଠାରେ ପରିବାର ସଂଖ୍ୟାଠାରୁ ଦାଦନଙ୍କ ସଂଖ୍ୟା ଢ଼େର ଅଧିକ । ପ୍ରାୟ ଅଧିକାଂଶ ପରିବାରର ଯୁବତୀଯୁବକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ବିଶେଷକରି କେରଳ, ହାଇଦ୍ରାବାଦ, ବାଙ୍ଗାଲୋର, ଦିଲ୍ଲୀ,ଗୁଜରାଟ ଯାଉଛନ୍ତି। ଓଡ଼ିଶାରେ କାମ ମିଳୁନି । ଯଦି କାମ ମିଳୁଛି, ସେ ତୁଳନାରେ ପାରିଶ୍ରମିକ ମିଳୁ ନ ଥିବାରୁ ନିଜ ପରିବାରର ଆର୍ଥିକ ଅନାଟନକୁ ଦୂର କରିବା ପାଇଁ ଏହି ଯୁବତୀଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା କହିଛନ୍ତି ।

ବୁଦ୍ଧିଜୀବୀ କ୍ଷୀରୋଦ ମଲିକ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ଶତାଧିକ ଦାଦନ ବାହାର ରାଜ୍ୟକୁ ଟ୍ରେନ, ବସ୍‌ରେ ଯାଇଥିବା ବେଳେ ଏବେ ଗାଁରେ ମଧ୍ୟସ୍ଥ ସକ୍ରିୟ ହୋଇଛନ୍ତି । ନିଜ ଅଞ୍ଚଳରେ କାମ ଧନ୍ଦା ନ ଥିବା ଯୋଗୁ ଦଲାଲ ଲୋକଙ୍କୁ ପ୍ରଲୋଭନ ଦେଖାଇ ଆକୃଷ୍ଟ କରି ବିଦେଶ ନେଇଯାଉଛନ୍ତି । ବିରୋଧୀ ଏହାକୁ ନାପସନ୍ଦ କରିବା ସହ ରାଜ୍ୟ ସରକାର ବିକାଶ ସ୍ଲୋଗାନକୁ ସମାଲୋଚନା କରୁଛନ୍ତି । ହେଲେ ଦାଦନ ଚାଲାଣ ଏକ ପ୍ରମୁଖ ସମସ୍ୟା ହୋଇଥିଲେ ସୁଦ୍ଧା ତାହା ରୋକିବା ଦିଗରେ ସରକାରୀସ୍ତରରେ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଉନାହିଁ। ସେଥିପାଇଁ ଏହି ସମସ୍ୟା ଜିଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ସେ କହିଛନ୍ତି।

ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ମାଝି କହିଛନ୍ତି, ଅଧିକ ପ୍ରଲୋଭନରେ ପଡ଼ି ଶ୍ରମିକମାନେ ବାହାରକୁ ଯାଉଛନ୍ତି। ଏପରି କି ଗଲାବେଳେ ମଧ୍ୟ କୌଣସି ସୂଚନା ଦେଉ ନାହାନ୍ତି । ସେଥିପାଇଁ ପ୍ରକୃତ ତଥ୍ୟ ମିଳିବା କଷ୍ଟକର ହୋଇ ପଡିଛି ।




ଦାଦନ ଶ୍ରମିକମାନଙ୍କୁ ନେବା ପାଇଁ କେରଳରୁ ଆସିଥିବା ବସ।

## ସଂକ୍ଷେପରେ

### ଶାଳିଆପତନି ମାରି ବିକ୍ରି ଉଦ୍ୟମ ମାମଲା, ଅଭିଯୁକ୍ତ ଦଣ୍ଡିତ

ଦିଗପହଣ୍ଡି,୧୪ା୫(ଅଶେଷ ନାଥ ମିଶ୍ର)

ବିରଳ ପ୍ରଜାତିର ଶାଳିଆପତନିକୁ ମାରି ବିକ୍ରି ଉଦ୍ୟମ ମାମଲାର ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଧାରା -୫୧ ଅନୁଯାୟୀ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଜି.କାଳିଆ। ୨୦୧୭ ଜୁଲାଇ ୧୯ ତାରିଖରେ ଦିଗପହଣ୍ଡି ଆଠଗଡିଆ ସାହି ଛକରୁ କାଳିଆଙ୍କ ନିକଟରୁ ମୃତ ଅଣ୍ଡିରା ଶାଳିଆପତନି ବନବିଭାଗ ଜବତ କରିଥିଲା। କାଳିଆ ଗାଁ ନିକଟ ଜଙ୍ଗଲରୁ ଶାଳିଆପତନି ଶିକାର କରି ବିକ୍ରି ପାଇଁ ଦିଗପହଣ୍ଡି ଆଣିଥିଲେ ବୋଲି ସ୍ୱୀକାର କରିଥିଲେ। ବନବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ବ୍ରହ୍ମପୁର ବନଖଣ୍ଡ ସହକାରୀ ବନସଂରକ୍ଷକ ବିଷ୍ଣୁ ଚରଣ ବେହେରା ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦିଗପହଣ୍ଡି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ସାକ୍ଷ୍ୟ ପ୍ରଦାନ ପୂର୍ବରୁ ତତ୍କାଳୀନ ଦିଗପହଣ୍ଡି ଫରେଷ୍ଟର ସୀତାରାମ ପାତ୍ରଙ୍କ ମୃତ୍ୟୁ ଘଟିଥିବାରୁ ଅନ୍ୟତମ ସାକ୍ଷୀ ତତ୍କାଳୀନ ପ୍ରାଣୀ ଚିକିତ୍ସକ ଡ଼ା.ଆଶିଷ କୁମାର ଦୋରା, ବନପାଳ ନୀଳମାଧବ ଜେନା, ପାରା ବନ କର୍ମଚାରୀ ମୁରାରୀ ପ୍ରସାଦ ରଥ ସାକ୍ଷ୍ୟ ଦେଇଥିଲେ। ମାମଲାରେ ସାକ୍ଷ୍ୟ ନ ଥିବା ସହକାରୀ ବନସଂରକ୍ଷକ ବିଷ୍ଣୁ ଚରଣ ବେହେରା, ଦିଗପହଣ୍ଡି ରେଞ୍ଜର ମାଧବୀଲତାଙ୍କ ସାକ୍ଷ୍ୟ ବିଚାର ପାଇଁ ସରକାରୀ ଓକିଲ ବିପ୍ଳବ କୁମାର ମୁଦୁଲି କୋର୍ଟରେ ଜାଚିକା ଦାଖଲ କରିଥିଲେ। କୋର୍ଟ ଏଥିନିମନ୍ତେ ଅନୁମତି ଦେବା ପରେ ଆଭାସୀ ମାଧ୍ୟମରେ ଉଭୟଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାଜିଷ୍ଟ୍ରେଟ ୪ ପି.ଓ ଆକ୍ଟ ରେ ଏକବର୍ଷ ଡ଼ିପିଓଙ୍କ ଅବଲୋକନ ଅଧିନରେ ରହିବା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟଠାରୁ କ୍ଷାନ୍ତ ରହିବାକୁ ଆଦେଶ ଦେଇଛନ୍ତି।

# ଗଞ୍ଜାମର ୧୫୪ ସୋସାଇଟି ଲାଗି ମିଳୁନି ଜମି

ଛତ୍ରପୁର,୧୪ା୫(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଚାଷୀମାନଙ୍କ ବିକାଶ ଓ ଆର୍ଥିକ ଉନ୍ନତି ଲାଗି ପ୍ରାଥମିକ ସମବାୟ ସମିତି (ପାକ୍ସ) ତଥା ସୋସାଇଟିଗୁଡିକ କାର୍ଯ୍ୟ କରିଥାନ୍ତି । ତେବେ ଅଧିକାଂଶ ସୋସାଇଟିଗୁଡିକର ନିଜସ୍ୱ କାର୍ଯ୍ୟାଳୟଗୁଡିକର କୋଠା ନାହିଁ । କେଉଁଠି ଭଡ଼ା ଘରେ ଚାଲିଛି ତ ଆଉ କେଉଁଠି କାମଚଳାରେ ଅଫିସ ଚାଲୁଛି । ଏଗୁଡିକର ଭିତ୍ତିଭୂମି ସୁଦୃଢ କରିବା ସହ ନିଜସ୍ୱ କୋଠା ନିର୍ମାଣ ପାଇଁ ଜମିର ଆବଶ୍ୟକତା ପଡୁଛି । ଏହା ଉପରେ ଉଭୟ ଭାରତ ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ମାତ୍ର ଜିଲାରେ ଥିବା ସୋସାଇଟିଗୁଡିକର କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ତ ଦୂରର କଥା ଜମି ମିଳୁନଥିବା ଜଣାପଡିଛି। ଜିଲାରେ ସରକାରୀ ଜମି ଥିଲେ ମଧ୍ୟ ଏଥିପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଜମା ଆଗେଇ ନଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ୧୫୪ ପ୍ରାଥମିକ ସମବାୟ ସମିତିର ନିଜସ୍ୱ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ହୋଇନି। ସୋସାଇଟି କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ କରି ସମବାୟ ବିଭାଗକୁ ହସ୍ତାନ୍ତର କରିବାକୁ ୫ ମାସ ପୂର୍ବେ ଜିଲାପାଳ, ଡିଆରସିଏସଙ୍କୁ ସମବାୟ ବିଭାଗର କମିଶନର ତଥା ସଚିବ ରାଜେଶ ପ୍ରଭାକର ପାଟିଲଙ୍କ ପକ୍ଷରୁ ଏକ ଚିଠି ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଆସିଛି। ଜିଲାପାଳ ନିଜେ ଏ ସମ୍ପର୍କରେ ହସ୍ତକ୍ଷେପ କରି ନିୟମିତ ସମୀକ୍ଷା କରି ସୋସାଇଟିଗୁଡିକ ପାଇଁ ଜମି ଚିହ୍ନଟ ହୋଇ ସମବାୟ ବିଭାଗକୁ ହସ୍ତାନ୍ତର ହେବ ସେ ନେଇ ତ୍ୱରାନ୍ୱିତ

## ଭିତ୍ତିଭୂମି ଅଭାବ, କ୍ଷତି ସହୁଛନ୍ତି ଚାଷୀ

କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସମିତିଗୁଡିକ ଗ୍ରାମାଞ୍ଚଳରେ କାମ କରିଥାଏ ଏବଂ ଚାଷୀମାନଙ୍କ ଆର୍ଥିକ ବିକାଶରେ ଏଗୁଡିକ ଗୁରୁତ୍ୱ ଭୂମିକା ଗ୍ରହଣ କରୁଥିବା କୁହାଯାଇଛି। ଜିଲାରେ ଥିବା କ୍ଷୁଦ୍ର, ଭୂମିହୀନ ଓ ଚାଷୀମାନଙ୍କୁ ଉକ୍ତ ସୋସାଇଟିଗୁଡିକ ଚାଷ କାର୍ଯ୍ୟ ପାଇଁ ଉଭୟ ଖରିଫ ଓ ରବି ଫସଲ ଲାଗି ଋଣ ପ୍ରଦାନ କରିବା ସହ ଏ ସମ୍ପର୍କୀୟ ସେବା ଯୋଗାଇଥାନ୍ତି।

ରାଜ୍ୟ ସମବାୟ ବିଭାଗ ନିକଟରୁ ଚିଠି ଆସିଥିଲେ ହେଁ ସମସ୍ତ ୧୫୪ ସୋସାଇଟି ପାଇଁ ଆଦୌ ଜମି ଚିହ୍ନଟ ହୋଇପାରିନି। ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଜାନୁଆରୀ ୨ ତାରିଖରେ ଏ ସମ୍ପର୍କରେ ଏକ ଚିଠି (ନଂ-୬୪) ଆସିଥିଲା । ସମସ୍ତ ୧୫୪ ସୋସାଇଟି ପାଇଁ ଆଦୌ ସରକାରୀ ଜମି ଚିହ୍ନଟ ହୋଇନଥିବାରୁ ପୁଣି ରାଜ୍ୟ

ଆହୁରି ଜଣାଯାଇଛି ଯେ ଜିଲାରେ ଥିବା ଚାଷୀମାନଙ୍କ ଅମଳ ହୋଇଥିବା ଧାନକୁ ସୋସାଇଟି ଗୁଡିକ ମାଧ୍ୟମରେ ସରକାର କିଣିଥାନ୍ତି। ଚାଷୀମାନେ ଧାନ ବିକିବା ପାଇଁ ସୋସାଇଟିଗୁଡିକ ମାଧ୍ୟମରେ ଆଗରୁ ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥାନ୍ତି । ଜିଲାରେ ସାଧାରଣତଃ ଧାନ ମଣ୍ଡି ଖୋଲୁନଥିବା ଦେଖିବାକୁ ମିଳଥାଏ। ସୋସାଇଟିଗୁଡିକର ଭିତ୍ତିଭୂମି ଅଭାବ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରୁନଥିବା ଜଣାପଡିଛି । ଏପରିକି ସୋସାଇଟିଗୁଡିକ ଚାଷୀମାନଙ୍କ ଠାରୁ ଧାନ କିଣିବା ପରେ ଏହା ରଖିବାକୁ ଆବଶ୍ୟକ ଗୋଦାମ ଗୃହ ନାହିଁ । ଏଥିପାଇଁ ପ୍ରତିବର୍ଷ ଜିଲାରେ ଧାନ କିଣା ଧିମା ସହ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଥାଏ । ଏପରିକି ପଞ୍ଜିକୃତ ସମସ୍ତ ଚାଷୀଙ୍କ ଠାରୁ ପ୍ରତିବର୍ଷ ଧାନ କିଣାଯାଇପାରୁନଥିବା ସରକାରୀ ତଥ୍ୟ କହୁଛି । ଫଳରେ ଚାଷୀ ମାନେ କମ୍ ଦରରେ ଧାନ ବିକିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି । ସୂଚନାଯୋଗ୍ୟ ଚଳିତଥର ଜିଲାର ପଞ୍ଜିକୃତ ୨୮ ହଜାର ୭୮୪ ଜଣ ଚାଷୀଙ୍କ ଠାରୁ ଧାନ କିଣାଯାଇପାରିନି। ସେହିପରି ୨୦୨୨-୨୩ରେ ଜିଲାର ପଞ୍ଜିକୃତ ୧୦ ହଜାର ଚାଷୀଙ୍କ ଠାରୁ ଧାନ କିଣାଯାଇ ପାରିନଥିବା ବେଳେ ୨୦୨୧-୨୨ ରେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୨୬ ହଜାର ୩୪୩ ଜଣ ଚାଷୀଙ୍କଠାରୁ ଧାନ କିଣାଯାଇନଥିଲା। ଜିଲାରେ ଥିବା ୩୬୨ଟି ପ୍ରାଥମିକ ସମବାୟ ସେବା ସମିତି ପକ୍ଷରୁ ଚାଷୀମାନଙ୍କଠାରୁ ଧାନ କିଣାଯାଇଥାଏ। ସୂଚନାଯୋଗ୍ୟ ଜିଲାର ନୂତନ ୧୨ ଟି ଓ ପୂର୍ବରୁ ଥିବା ୧୪୨ ସମୁଦାୟ ୧୫୪ ସୋସାଇଟି ପାଇଁ ଜମି ଚିହ୍ନଟ କରି ସମବାୟ ବିଭାଗକୁ ହସ୍ତାନ୍ତର ପାଇଁ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଚିଠି ଆସିଥିଲା । ଏଥିପାଇଁ ୫୫.୨୮୧ ଏକର ସରକାରୀ ଜମି ଆବଶ୍ୟକ ହେଉଥିବା ଜଣାଯାଇଛି ।

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ

ଚିକିଟି,୧୪ା୫(ପ୍ରକାଶ ଚନ୍ଦ୍ର ସାହୁ):

ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ବିଏସଏଲଏନପୁର ଗ୍ରାମରେ ସୋମବାର ରାତିରେ ନାରାୟଣ ପ୍ରଧାନଙ୍କ ଘରୁ ଚୋରି ହୋଇଥିବା ମଙ୍ଗଳବାର କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ନାରାୟଣ ପ୍ରଧାନଙ୍କ ଲିଖିତ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ ସୋମବାର ରାତି ୧୦ ଟା ବେଳେ ଘରେ ବିଦ୍ୟୁତ କାଟ ହୋଇଥିଲ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ବାଡ଼ିପଟୁ ତାଲା ପଡ଼ିଥିବା ଗ୍ରୀଲକୁ ତାଡ଼ି କବାଟ ଭାଙ୍ଗି ଘରେ ପଶି ଆଲମାରୀ, ପେଡ଼ି ଏବଂ ଡ୍ରେସିଂ ଟେବୁଲ ଭାଙ୍ଗି ୪୦ ଭରି ସୁନା ଅଳଙ୍କାର, ୯୦ ଭରି ରୁପା ଅଳଙ୍କାର ସମେତ ୫୦ ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଛି। ଘରେ କିଛି ଶବ୍ଦ ଶୁଭିବାରୁ ଆମେ ଉଠିଲା ବେଳକୁ ଚୋର ସବୁ ଲୁଟି ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ କେ ନୂଆଗାଁ ପୋଲିସ ତଦନ୍ତ କରୁଛି।

# ଆଜି ସୋରଡ଼ା ଆସୁଛନ୍ତି ଅମିତ ଶାହା

ଭଞ୍ଜନଗର,୧୪ା୫(ବାବୁଲା ପ୍ରଧାନ)



ଅମିତ ଶାହାଙ୍କ ଗସ୍ତ ପାଇଁ ସୋରଡ଼ାରେ ପ୍ରସ୍ତୁତି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୁଧବାର ଗଞ୍ଜାମ ଜିଲା ସୋରଡ଼ା ଗସ୍ତରେ ଆସୁଛନ୍ତି। ସୋରଡ଼ାରେ ଆସନ୍ତାକାଲି ଅପରାହ୍ନ ସାଢ଼େ ୧ଟାରେ ଏକ ଦଳୀୟ ସଭାରେ ଯୋଗଦେବେ। ଉକ୍ତ ଭାଜପା କର୍ମୀ ସମ୍ମିଳନୀରେ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀ ଏବଂ ନେତାମାନେ ଯୋଗଦେବେ। ଏଥିସହ ଅନେକ ରାଜ୍ୟସ୍ତରୀୟ ନେତାମାନେ ମଧ୍ୟ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଭାଜପା ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏଥିସହ ସୁରକ୍ଷା ଦୃଷ୍ଟି କୋଣରୁ ବହୁ ପୋଲିସ ଅଧିକାରୀ ମଙ୍ଗଳାବର ଠାରୁ ମୁତୟନ ଅଛନ୍ତି। ଗୃହମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପା ନେତା ଓ କର୍ମୀମାନେ ଉତ୍ସାହିତ ଅଛନ୍ତି। ଶାହା ସୋରଡ଼ା ଆସି ରାଜ୍ୟ ସରକାରଙ୍କୁ କିଭଳି ଟାର୍ଗେଟ କରୁଛନ୍ତି ତାହାକୁ ନେଇ ସମସ୍ତଙ୍କ ନଜର।

### ଭୋଟ ସରିଲା, ଅଙ୍କକଷା ଆରମ୍ଭ

ଚିକିଟି,୧୪ା୫(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ନିର୍ବାଚନମଣ୍ଡଳୀରେ ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ଭୋଟଦାନ ସରିଛି। ତେବେ ଦଳୀୟ ନେତାଙ୍କ ପକ୍ଷରୁ ମଙ୍ଗଳବାରଠାରୁ ଅଙ୍କକଷା ଆରମ୍ଭ ହୋଇଯାଇଛି। ଚିକିଟି ବ୍ଲକ ୧୭, ପାତ୍ରପୁର ବ୍ଲକର ୨୩ଟି ପଞ୍ଚାୟତ ସମେତ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ଚିକିଟି ନିର୍ବାଚନମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ନିର୍ବାଚନ ମୈଦାନରେ ବିଜେଡି ପକ୍ଷରୁ ମନ୍ତ୍ରୀ ଉଷାଦେବୀଙ୍କ ପୁତ୍ର ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଭାଜପା ପକ୍ଷରୁ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟଙ୍କ ପୁତ୍ର ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ବିଭୁଧେନ୍ଦ୍ର ପାଢ଼ୀ, କଂଗ୍ରେସ ପକ୍ଷରୁ ରବୀନ୍ଦ୍ର ଦ୍ୟାନ ସାମନ୍ତରାୟଙ୍କ ସମେତ ୪ ଜଣ ପ୍ରାର୍ଥୀ ମୋଟ ୮ ଜଣ ପ୍ରାର୍ଥୀ ଲଢୁଥିଲେ । ୮ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ ସୁଦ୍ଧା ଏହି ନିର୍ବାଚନମଣ୍ଡଳୀରେ ବିଜେଡି ସମର୍ଥିତ ଉଷା ଦେବୀଙ୍କ ପୁତ୍ର ଓ ଭାଜପା ସମର୍ଥିତ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ବିରୋଧରେ ପାରମ୍ପରିକ ଲଢେଇ ଜୋର ଧରିଥିଲା। ମନ୍ତ୍ରୀ ଉଷା ଦେବୀ ଦୀର୍ଘ ୨୪ ବର୍ଷ ଧରି ଅକ୍ତିଆର କରି ରଖିଥିବା ଏହି ଆସନ ପାଇଁ ତାଙ୍କ ପୁତ୍ର ଚିନ୍ମୟାନନ୍ଦ ମା'ଙ୍କ ଗଡ଼କୁ ବଜାୟ ରଖିବା ପାଇଁ ଚେଷ୍ଟା କରୁଥିବା ବେଳେ ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏହି ଗଡ଼କୁ ପତନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆସନ୍ତା ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ରହିଥିବା ଯୋଗୁ ଏବେ ଏହା ଦଳୀୟ ନେତାଙ୍କୁ ଅଧିକ ଟେନସନର କାରଣ ହୋଇଛି। ଭାଜପା ପାତ୍ରପୁର ବ୍ଲକରେ ଏବଂ ବିଜେଡି ଚିକିଟି ବ୍ଲକରେ କେତେ ଆଗୁଆ ରହିଥିବା ନେଇ ହିସାବ ବିକାଶରେ ମାତିଥିବା ଦେଖାଦେଇଛି। ପ୍ରକୃତ ଫଳାଫଳ ଆସନ୍ତା ୪ ତାରିଖରେ ଜଣାପଡ଼ିବ।

# ରମ୍ଭାରେ ଶାନ୍ତିପୂର୍ଣ୍ଣ ମତଦାନ

ରମ୍ଭା,୧୪ା୫(ବନବାସୀ ସେଠୀ)

ଛତ୍ରପୁର ନିର୍ବାଚନମଣ୍ଡଳୀ ରମ୍ଭା ଏନ୍ଏସି ସାଧାରଣ ନିର୍ବାଚନ ସୋମବାର ୧୩ଟି ୱାର୍ଡରେ ୯ଟି ବୁଥରେ ମୋଟ ୬୬୨୭ ଭୋଟର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହୋଇଯାଇଛି। ଆର. ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ୧ ନମ୍ବର ୱାର୍ଡ ବୁଥ ନଂ ୨୧୨ରେ ୬୬୧ ପୁଲିଙ୍ଗ ହୋଇଥିବା ବେଳେ ୱାର୍ଡ ନଂ ୨ ଲକ୍ଷ୍ମୀପୁର ବୁଥ ନଂ ୨୧୪ରେ ୫୭୦, ୱାର୍ଡ ନଂ ୩ ବ୍ରଜମୋହନ ପୁର ପ୍ରାଥମିକ ବିଦ୍ୟାଳୟ ବୁଥ ନଂ୨୧୫ରେ ୮୨୧, ୱାର୍ଡ ନଂ ୪, ୫ ବାଉରୀ ସାହି ବୁଥ ନଂ ୨୦୭ରେ ୯୦୯, ୱାର୍ଡ ନଂ ୬,୭ ବ୍ରାହ୍ମଣସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୨୧୧ରେ ୮୪୧, ୱାର୍ଡ ନଂ ୮,୯ ବୁଥ ନଂ ୨୧୦ରେ ୭୧୧, ୱାର୍ଡ ନଂ ୧୦,୧୧ ବୁଥ ନଂ ୨୦୮ରେ ୮୪୪, ୱାର୍ଡ ନଂ ୧୨ ବୁଥ ନଂ ୨୦୯ରେ ୭୪୮, ୱାର୍ଡ ନଂ ୧୩ ରେ ୫୨୨ପୁଲିଙ୍ଗ ହୋଇଯାଇଛି। ଗଞ୍ଜାମ ବ୍ଲକ୍ ୧୫ ପଞ୍ଚାୟତ ଏବଂ ଦୁଇଟି ଏନ୍ଏସି ଯଥା ଗଞ୍ଜାମ ଓ ରମ୍ଭା ଏନ୍ଏସି ସମ୍ବେଦନଶିଳ ଭାବେ ବୁଥ ଗୁଡ଼ିକରେ ପୋଲିସର କଡ଼ା ସୁରକ୍ଷାରେ ଶାନ୍ତି ଶୃଙ୍ଖଳା ସହ ମତଦାନ ଶେଷ ହୋଇଛି। ରମ୍ଭାରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି।

# ଗଞ୍ଜାମର ୫ ନିର୍ବାଚନମଣ୍ଡଳୀରେ ୬୧ ପ୍ରତିଶତ ମତଦାନ

ଛତ୍ରପୁର,୧୪ା୫(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାର ବ୍ରହ୍ମପୁର ଲୋକସଭା ଅଧୀନ ଗଞ୍ଜାମର ୫ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସୋମବାର ହୋଇଥିଲା। ମଙ୍ଗଳବାର ସଂଧ୍ୟାରେ ଚୂଡାନ୍ତ ଭୋଟ ପ୍ରତିଶତ ଗଞ୍ଜାମ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ଏବଂ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲାର ୫ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬୧ ପ୍ରତିଶତ

## ଛତ୍ରପୁରରେ ସର୍ବାଧିକ

ମତଦାନ ହୋଇଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ମତଦାନ ହୋଇଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ୬୫.୯୬ ପ୍ରତିଶତ, ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ୬୦.୪ ପ୍ରତିଶତ, ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ୫୪.୧୪ ପ୍ରତିଶତ, ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ୬୨.୨୫ ପ୍ରତିଶତ, ଚିକିଟି ନିର୍ବାଚନ ମଣ୍ଡଳୀରେ ୬୩.୨୧ ପ୍ରତିଶତ ମତଦାନ ଦାନ ହୋଇଥିବା ସୂଚନା ଦିଆଯାଇଛି। ୨୦୧୯ ଭଳି ଚଳିତ ଥର ମଧ୍ୟ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ଭୋଟ ପ୍ରତିଶତ କମ ରହିଛି।

### ବିଜେଡିର ପ୍ରଚାର



ଆସିକା,୧୪ା୫ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନସଭା ଲାଗି ବିଜେଡି ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ପ୍ରଚାର ଅଭିଯାନ ଜାରି ରହିଛି । ତାଙ୍କ ସହ ଆସିକା ଏମପି ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ବିପୁଳ ଭୋଟରେ ବିଜୟ କରି ନବୀନବାବୁଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ନଚିକେତା ସ୍ୱାଇଁ, ଭଗବାନ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ଶିବ ନାହାକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ଭବାନୀ ଶଙ୍କର ମଲିକ, ମନୋଜ ଦୋରା, ତନ୍ମୟୀ ନାହାକ ପ୍ରମୁଖ ସାମିଲ ଥିଲେ ।

# ବାଉଁଶିଆ ପଞ୍ଚାୟତ ୧୨ନଂ ୱାର୍ଡ ମେମ୍ବରଙ୍କୁ ଅସିଦ୍ଧ ଘୋଷଣା

କବିସୂର୍ଯ୍ୟନଗର, ୧୪ା୫ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବାଉଁଶିଆ ପଞ୍ଚାୟତ ଇ.ବି. ପୁର ଗ୍ରାମର ୧୨ନଂ ୱାର୍ଡ ମେମ୍ବରଙ୍କୁ ଅସିଦ୍ଧ ଘୋଷଣା କରିଛନ୍ତି କବିସୂର୍ଯ୍ୟନଗର କୋର୍ଟ । ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କବିସୂର୍ଯ୍ୟନଗର ବ୍ଲକ ବାଉଁଶିଆ ପଞ୍ଚାୟତ ଇ.ବି.ପୁର ଗ୍ରାମର ୧୨ ନଂ ୱାର୍ଡରେ ଦୁଇଜଣ ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେ ଦୁହେଁ ହେଲେ ରଞ୍ଜିତା ଗୌଡ଼ ଓ ମିନତୀ ଗୌଡ଼। ତେବେ ରଞ୍ଜିତା ଗୌଡ଼ କବିସୂର୍ଯ୍ୟନଗର ବିଡିଓ ଓ ଗଞ୍ଜାମ ଜିଲାପାଳ ପାଖରେ ଅଭିଯୋଗ କରିଥିଲେ ଯେ ମିନତୀଙ୍କ ଚାରୋଟି ସନ୍ତାନ ରହିଛି ଏବଂ ତାଙ୍କର ସଭ୍ୟପଦ ରଦ୍ଦ କରାଯାଉ। ଏହାପରେ କବିସୂର୍ଯ୍ୟନଗର କୋର୍ଟରେ ଏ ନେଇ ମାମଲା ଦାୟର କରିଥିଲେ । କୋର୍ଟର ପକ୍ଷଭୁକ୍ତ ହୋଇଥିଲେ ଓଡିଶା ନିର୍ବାଚନ ଅଧିକାରୀ, କବିସୂର୍ଯ୍ୟନଗର ବିଡିଓ, ପ୍ରିଜାଇଡିଂ ଅଫିସର ଓ ବାଉଁଶିଆ ପଞ୍ଚାୟତ । ନିର୍ବାଚନ ଅଧିନିୟମ ଅନୁସାରେ ଜଣଙ୍କର ଦୁଇରୁ ଅଧିକ ସନ୍ତାନ ଥିଲେ ସେ ନିର୍ବାଚନ ଲଢ଼ି ପାରିବେ ନାହିଁ। କିନ୍ତୁ ମିନତୀ ଗୌଡ଼ଙ୍କ ଚାରୋଟି ସନ୍ତାନ ଥିବା ଜଣାପଡିଥିଲା। ଗତ ମେ ୧୦ ତାରିଖରେ କବିସୂର୍ଯ୍ୟନଗର ସିଭିଲ କୋର୍ଟରେ ଏ ନେଇ ରାୟ ପ୍ରକାଶ ପାଇଥିଲା । ମିନତୀ ଗୌଡ଼ଙ୍କ ସଭ୍ୟ ଅସିଦ୍ଧ ଘୋଷଣା କରିବା ସହ ରଞ୍ଜିତାଙ୍କୁ ଇ.ବି ପୁର ଗାଁର ୧୨ନଂ ୱାର୍ଡ ସଭ୍ୟା ଭାବେ ଘୋଷଣା କରିବାକୁ ବିଡିଓକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ପରିଚାଳନା କରିଥିଲେ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ସାମଲ ।

# ଶେରଗଡ଼ରେ ପ୍ରଚାର କଲେ ସବ୍ୟସାଚୀ, ଅର୍ଚ୍ଚିତା



ସବ୍ୟସାଚୀ ଓ ଅର୍ଚ୍ଚିତା ପ୍ରଚାର କରୁଛନ୍ତି।

ଶେରଗଡ଼/ହିଞ୍ଜିଳିକାଟୁ, ୧୪ା୫ (ସୂର୍ଯ୍ୟନାରାୟଣ ଦାଶ/ଦ୍ୱିତୀକୃଷ୍ଣ ପଣ୍ଡା)

ଶେରଗଡ ବ୍ଲକ ଓ ହିଞ୍ଜିଳି ବ୍ଲକରେ ବିଜେଡିର ପ୍ରଚାର ଜୋରଦାର ହୋଇଛି। ବିଜେଡି ନେତା ଓ କର୍ମୀମାନେ ଘର ଘର ବୁଲି ପ୍ରଚାର କରୁଥିବା ବେଳେ ମଙ୍ଗଳବାର ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତା ପ୍ରଚାରରେ ସାମିଲ ହୋଇଛନ୍ତି। ଶେରଗଡ ବ୍ଲକ ଅଲାରିଗଡଠାରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ପ୍ରଚାର କରିଛନ୍ତି। ଯୋଡି ଶଙ୍ଖକୁ ଭୋଟ ଦେବାକୁ ସେମାନେ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ଓ ଏମପି ପ୍ରାର୍ଥୀ ଭାବେ ରଞ୍ଜିତା ସାହୁ ଛିଡ଼ା ହୋଇଛନ୍ତି। ଏଣୁ ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଷଷ୍ଠ ଥର ଜିତାଇବା ଓ ଓଡିଶାକୁ ନଂ ୱାନ କରିବା ବୋଲି କହିଛନ୍ତି। ପରେ କୁରୁଳା, ଠୁରୁବୁରାଇ, ଗୋଠଗାଁ, ପିଉଳ, ତହଁର, ବ୍ରାହ୍ମଣଛାଇ, ନରେନ୍ଦ୍ରପୁର, ଗୋବିନ୍ଦପୁର, ଧନନ୍ତର, ଡେଙ୍ଗାପଦର, ତାକରଡା, ଶେରଗଡ ସମେତ ୧୬ଟି ପଞ୍ଚାୟତରେ ପ୍ରଚାର କରିଛନ୍ତି। ଉକ୍ତ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରୁଣ ପଲେଇଙ୍କ ସମେତ ବହୁ ନେତା ସାମିଲ ହୋଇଛନ୍ତି।

# ବିଜେଡି ପକ୍ଷରୁ ମାରାଥନ ପ୍ରଚାର

କବିସୂର୍ଯ୍ୟନଗର, ୧୪ା୫ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରର ୱାର୍ଡ ନମ୍ବର ୧୩,୧୬ ଓ ୧୭ରେ ବିଜେଡି କର୍ମୀମାନେ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ୨୦୧୯ରେ ଲତିକା ପ୍ରଧାନ ବିଧାୟିକା ଥିଲା ବେଳେ ଯାହାସବୁ ଉନ୍ନତି କରିଛନ୍ତି ସେହିସବୁ ବିକାଶର ଧାରାକୁ ନେଇ ନିର୍ବାଚନ ପ୍ରଚାର ଚଳାଇଛନ୍ତି। ୨୦୨୪ରେ ପୁଣି ବିଜେଡି ବିଶ୍ୱାସ କରି ଲତିକା ପ୍ରଧାନଙ୍କୁ ବିଧାୟିକା ପ୍ରାର୍ଥୀ କରିଥିବାରୁ ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ନିର୍ବାଚିତ କରିବାକୁ ନେତା ଓ କର୍ମୀମାନେ ଲୋକଙ୍କୁ ବୁଝାଉଛନ୍ତି। ଏହା ସହିତ ନିର୍ବାଚନ ଇସ୍ତାହାରରେ ଆଣିଥିବା ଯୋଜନା ୧୦୦ ୟୁନିଟ ମାଗଣା ବିଜୁଳି ଏବଂ ମିଶନ ଶକ୍ତି ମା'ମାନଙ୍କୁ ମାସିକ ପେନସନ ବ୍ୟବସ୍ଥା କୁ ପ୍ରଚାରରେ ସାମିଲ କରାଇଛନ୍ତି। ସରକାର ଆସିଲେ ଜୁଲାଇ ମାସରୁ ବିଦ୍ୟୁତ ବିଲ ଆସିବ ନାହିଁ ବୋଲି ଲୋକଙ୍କୁ ବୁଝାଉଛନ୍ତି। ମେ' ୨୦ରେ ହେବାକୁ ଥିବା ନିର୍ବାଚନରେ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ପ୍ରଚାରରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସଭାପତି ରଶଳ ଦାଶ, ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏସ.ଲକ୍ଷ୍ମୀ ସେଠି, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ଛାତ୍ର ସଭାପତି ରାଜେନ୍ଦ୍ର ଖଟେଇ, ମୁକେଶ ଦାଶ, ମଳୟ ରଞ୍ଜନ ପଟ୍ଟନାୟକ, ରାକେଶ ପ୍ରଧାନ, ସୁଦର୍ଶନ ପ୍ରଧାନ, ପ୍ରସନ୍ନ ନାୟକ, ପ୍ରଭାତ ପାଣି, ବାବୁ ପାତ୍ର, ବାସୁଦେବ ନାହାକ, ମନମୋହନ ଜେନା, ସୂର୍ଯ୍ୟ ରଥ, ଯଜ୍ଞ ପରିଡା, ଲକ୍ଷ୍ମୀ ଚର୍ଚ୍ଚି, ଦିଲ୍ଲୀପ ସାହୁ, ବିପିନ ବିହାରୀ ଶତପଥୀ, ରାକେଶ ପ୍ରଧାନ, ସୂର୍ଯ୍ୟନାରାୟଣ ନାୟକ ଓ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।



ବିଜେଡି ନେତା, କର୍ମୀମାନେ ନିର୍ବାଚୀନ ପ୍ରଚାର କରୁଛନ୍ତି।

# ବାଲିଚୋରଙ୍କ କବ୍‌ଜାରେ ଋଷିକୁଲ୍ୟା

ପୁରୁଷୋତ୍ତମପୁର,୧୪ା୫(ସୀମାଞ୍ଚଳମିଶ୍ର)

- ପୋଲିସ, ରାଜସ୍ୱ ଓ ମାଇନ୍ସ ବିଭାଗ ଜଳକା
- ଆନ୍ଦୋଳନ ଲାଗି ଗ୍ରାମବାସୀଙ୍କ ଚେତାବନୀ

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପୁର ଗ୍ରାମ ଋଷିକୁଲ୍ୟା ନଦୀ ବାଲି ଘାଟରୁ ବେଆଇନ ଭାବରେ ବାଲି ଚୋରାଚାଲାଣ ଦିନକୁ ଦିନ ବଢିଚାଲିଛି। ଏଥିପ୍ରତି ପୋଲିସ, ରାଜସ୍ୱ ଓ ଖଣି ବିଭାଗୀୟ ଅଧିକାରୀମାନେ ଆଖିବୁଜି ଦେଇଛନ୍ତି। ବାଲି ମାଫିଆମାନେ ବିନା ଦ୍ୱିଧାରେ ପ୍ରତାପୁର-କେନପୁର ଗ୍ରାମ ମଧ୍ୟସ୍ଥ ଋଷିକୁଲ୍ୟା ନଦୀ ଘାଟକୁ ଖୋଳି ବାଲି ଉଠାଇବାରେ ଲାଗିଛନ୍ତି। ଏଭଳି ମନଇଚ୍ଛା ନଦୀଘାଟ ଖୋଳିବା ଦ୍ୱାରା ବର୍ଷାଦିନେ ଗ୍ରାମକୁ ବନ୍ୟାପାଣି ପଶିବାର ଆଶଙ୍କା ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟିବାରେ ଲାଗିଛି। ଏ ନେଇ ଲୋକେ ପୁରୁଷୋତ୍ତମପୁର ପୋଲିସ ଓ ରାଜସ୍ୱ ବିଭାଗୀୟ ଅଧିକାରୀଙ୍କଠାରେ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ଲୋକେ ଅଭିଯୋଗ କରଛନ୍ତି। ପ୍ରଶାସନର ଏଭଳି ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ପ୍ରଶାସନ ଓ ବାଲିମାଫିଆଙ୍କ ମଧ୍ୟରେ ସଲାସୁତରା ରହିଥିବା ନେଇ ରୋକଠୋକ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ବାଲି ଚୋରାଚାଲାଣକୁ ବନ୍ଦ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଥାନା ଓ ତହସିଲ ଅଫିସକୁ ଘେରାଉ କରିବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି।



ଋଷିକୁଲ୍ୟା ନଦୀଘାଟ।

ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏପରି କୂଳଘାଇକୁ ହାଣିବା ଓ ବାଲିଚୋରି ହେଉଥିବାର ଲୋକେ ବହୁବାର ଅଭିଯୋଗ କରିବା ସହ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତିର ଅଭିଯୋଗ ଆଣିବା ପରେ ପୋଲିସ ନିରୁପାୟ ହୋଇ ଗତ ନଭେମ୍ବର ମାସରେ ଧର୍ମକୁ ଆଖିଠାର ଭଳି ଚଢାଉ କରିଥିଲେ। ମାତ୍ର ଏହି ଚଢାଉ ସମୟରେ ଜଣେ ପୋଲିସ କର୍ମଚାରୀଙ୍କ ସମ୍ପର୍କୀୟଙ୍କ ଟ୍ରାକ୍ଟର ଧରାପଡ଼ିଥିଲା।

ଏହି ଟ୍ରାକ୍ଟରକୁ ଛାଡ଼ିବାଲାଗି ପୋଲିସ ଉଦ୍ୟମ କରିଥିଲେ ମଧ୍ୟ ଲୋକେ ଜଗିରହିଥିବାରୁ ପୋଲିସ ବାଧହୋଇ ନଂ. ୭୨୬/୨୩ରେ ମାମଲା ରୁଜୁ କରି ୫ଟି ଗାଡିକୁ ଜବତ କରିଥିଲା। ଏଥିପ୍ରତି ପୋଲିସ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି।

# ଯାଜପୁର ଜିଲ୍ଲାରେ ୨୮୧ ବୁଥ୍ ସମ୍ବେଦନଶୀଳ

ଯାଜପୁର,୧୪ା୫
(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାର ଗୋଟିଏ ଲୋକସଭା ଏବଂ ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଉ ମାତ୍ର ୧୫ ଦିନ ପରେ ମତଦାନ ହେବ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ସହ ମତଦାନକୁ ସମ୍ପୂର୍ଣ୍ଣ କରିବାକୁ ଏକାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ସମ୍ବେଦନଶୀଳ ବୁଥ, ଭଲନେରେବୁଲ ଭୋଟର ଏବଂ ଇଣ୍ଟିମିଡେଟର ତଥା ଅନ୍ୟମାନଙ୍କୁ ଭୟଭୀତ କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତି ଚାଲିଛି। ତେବେ ଜିଲାରେ ୧୬୩୭ଟି ବୁଥ ମଧ୍ୟରୁ ୨୮୧ଟି ବୁଥ ସମ୍ବେଦନଶୀଳ ବୋଲି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୬୬ଟି ବୁଥ୍ ସମ୍ବେଦନଶୀଳ ରହିଥିବାବେଳେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ୩୫, ବଡ଼ଚଣାରେ ୨୬, ଧର୍ମଶାଳାରେ ୩୯, ଯାଜପୁରରେ ୩୫, କୋରେଇରେ ୪୧ ଓ ସୁକିନ୍ଦାରେ ୩୯ଟି ସମ୍ବେଦନଶୀଳ ବୁଥ ରହିଛି। ଏହାବାଦ୍ ଜିଲାରେ ୩୯୬ ଜଣଙ୍କୁ ଅନ୍ୟମାନଙ୍କୁ ଭୟଭୀତ କରୁଥିବା ବ୍ୟକ୍ତି ଭାବେ ଚିହ୍ନଟ କରାଯାଇଛି। ଏଥିରେ ବରୀରେ ସର୍ବାଧିକ ୧୧୧ ଜଣ ରହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ସମସ୍ତ ବୁଥରେ ପୋଲିସ ମୁତୟନ ବ୍ୟବସ୍ଥା କରାଯାଇଛି। ସେହିପରି ଯାନବାହନ ଯାଞ୍ଚ ସହ ଅପରାଧିଙ୍କ ଗତିବିଧି ନିୟନ୍ତ୍ରଣ ଲାଗି ପୋଲିସ ସବୁପ୍ରକାର ଉଦ୍ୟମ ଜାରି ରଖିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ୫୩୪୧ ଜଣ ଇଣ୍ଟିମିଡେଟର ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଥିଲା। ସେହିପରି ୩୦୦ ଜଣଙ୍କ ନାମରେ ଏନବିଡବ୍ଲ୍ୟୁ, ୫୭ ଜଣଙ୍କ ନାମରେ ନିର୍ବାଚନୀ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଥିଲା। ଏହାସହ ୬୫୭ଟି ବନ୍ଧୁକ ଲାଇସେନ୍ସ ଦାଖଲ ହୋଇଥିଲା। ୫୯ ଲକ୍ଷ ୧୯ ହଜାର ୭୦୩ ଟଙ୍କାର ମଦ ଜବତ ହୋଇଥିବାବେଳେ ୧ କୋଟି ୭୯ ଲକ୍ଷ ୧୩ ହଜାର ୬୯୯ ଟଙ୍କା ବିଭିନ୍ନ ସ୍ଥାନରୁ ଜବତ ହୋଇଥିଲା। ବିଭିନ୍ନ କାରଣରୁ ୯ଟି ବୁଥରେ ପୁନଃ ମତଦାନ କରାଯାଇଥିଲା।

## କୁକୁର ଆକ୍ରମଣରେ ହରିଣ ମୃତ

ପାଟଣା, ୧୪।୫ (ବୀର କିଶୋର ଦାଶ)

ସାହାରପଡ଼ା ସେକ୍ସନ ମାଛଗଡ ନର୍ଥ ବିଟ୍ ଅନ୍ତର୍ଗତ ବେଲସରେଇ ଗ୍ରାମର ପ୍ରଭାକର ମହାନ୍ତଙ୍କ ବଗିଚାରୁ ମଙ୍ଗଳବାର ଭୋର ସମୟରେ ଉଦ୍ଧାର ହୋଇଥିବା ଆହତ ହରିଣର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାର ରାତିରେ ହରିଣଟି ଗାଁ ଭିତରକୁ ଚାଲି ଆସିଥିବା ବେଳେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିଲା। ବନ ବିଭାଗ ଆହତ ହରିଣକୁ ବଡ଼ବିଲ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଉଥିବା ବେଳେ ମୃତ୍ୟୁ ଘଟିଥିଲା।

## ଅମ୍ବସୌରୀ ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା କରି ବର୍ଷାଙ୍କ ପ୍ରଚାର



ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଚଣ୍ଡିଖୋଲ/ବଡ଼ଚଣା,୧୪ା୫(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବିଧାନ ସଭାକ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ସେ ପତରାଜପୁର ଓ ଗୋପାଳପୁର ପଞ୍ଚାୟତରେ ରୋଡ୍ ଶୋ' ମାଧ୍ୟମରେ ଲୋକଙ୍କୁ ଭୋଟ୍ ମାଗିଛନ୍ତି। ପ୍ରଥମେ ଆମ୍ବସୌରି ଗ୍ରାମରେ ପହଞ୍ଚି ଗ୍ରାମ ଦେବତୀ ମା' ମଲ୍ୟା ବୁଢ଼ୀ ଠାକୁରାଣୀଙ୍କ ବିଜେସ୍ଥଳରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ରୋଡ ଶୋ'ରେ ବାହାରି ଅମ୍ବସୌରି, ପତରାଜପୁର ପରମାଣିକ ସାହି ଓ ସିଂହସାହି ଦେଇ ପତରାଜପୁର ଗ୍ରାମରେ ପ୍ରବେଶ କରିଥିଲେ। ଏଥିରେ ବର୍ଷାଙ୍କ ସହ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପ୍ରାକ୍ତନ ସମିତି ସଭ୍ୟ ସୁରେଶ ଚନ୍ଦ୍ର ନାୟକ, ସେକ୍ ମୋଇନ ଅହମ୍ମଦ, ପ୍ରତାପ ଚନ୍ଦ୍ର ନାୟକ, ମନୋଜ ପାଢ଼ୀ, ଗୋଲାମ କିବିରିଅ ଖାଁ, ପ୍ରତାପ ସେନାପତି, ସୁଲତାନ ସୈଫୁଲା ଖାଁ, ଦେବରଞ୍ଜନ ଦାସ, ରଞ୍ଜନ କୁମାର ବଳ, ମନ୍ମଥ କେଶରୀ ସାହେବ ରାୟ, ରାକେଶ କୁମାର ବାରିକ, ଅନିଲ ସେଠୀ, ହିମାଂଶୁ ଦାସ, ବସନ୍ତ ଦାସ, ତପନ ସିଂହ, ଭରତ ପରିମାଣିକ, ପବିତ୍ର ଘଡ଼େଇ ଓ ହେମନ୍ତ ରେଙ୍ଗଲା ପ୍ରମୁଖଙ୍କ ସମେତ ଶତାଧିକ ଯୁବକ ଏବଂ ମହିଳା ସାମିଲ ହୋଇଥିଲେ। ସେହିପରି ବର୍ଷା ବନ୍ତଳା ପଞ୍ଚାୟତ ଅନ୍ତର୍ଗତ କଇଁଥିପୋଖରୀ, ଉପୁଳା, କପାଷ୍ଟି, ବାରିମୂଳ, ବରୀ ଠେଙ୍ଗଡ, ଉବୁକା, ବଡ଼ଘୁମୁରି ପଞ୍ଚାୟତର ଶକୁନ୍ତଳାପୁର, ଚକ ବଡ଼ଘୁମୁରୀ, ନୂଆଗାଁ, ରମ୍ଭାଦେଇପୁର ଓ ଜିରାପୁର ଆଦି ଗ୍ରାମରେ ପ୍ରଚାର କରିଛନ୍ତି। ଏଥିରେ ବିଜେଡିର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବିଞ୍ଝାରପୁରରେ ବିଦ୍ୟୁତ୍ ବିଭ୍ରାଟ

ସିଂହପୁର,୧୪ା୫
(ଅନଙ୍ଗ ଉଦୟ ବେଉରିଆ)

ବିଂଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ଗ୍ରୀଷ୍ମ ପ୍ରବାହ ବେଳେ ଲୋକେ ଗରମରେ କଲବଲ ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟ୍ ନାନା ସମସ୍ୟା ସୃଷ୍ଟି କରିଛି। କେବଳ ଦିନ ବେଳା ବିଦ୍ୟୁତ୍ କାଟ ହେଉଥିବା ବେଳେ ସନ୍ଧ୍ୟା ଓ ରାତିରେ ମଧ ସେଥିରୁ ନିସ୍ତାର ମିଳୁନାହିଁ ବୋଲି ବହୁ ବିଦ୍ୟୁତ୍ ଉପଭୋକ୍ତା କହିଛନ୍ତି। କାଳବୈଶାଖୀ ପରେ ୧୦ରୁ ୧୨ଘଣ୍ଟା ବିଦ୍ୟୁତ୍ କାଟ୍ କରାଯାଉଛି। ଅସରାଏ ବର୍ଷା ହେଲେ ୩ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଏମିତି ଅଘୋଷିତ ବିଦ୍ୟୁତ୍ ବିଭ୍ରାଟକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷପ ନେବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଉଛନ୍ତି।

## କଂଗ୍ରେସ ପ୍ରାର୍ଥୀ ଅଞ୍ଚଳ ଦାସଙ୍କ ପ୍ରଚାର



ପ୍ରଚାର ଅଭିଯାନରେ କଂଗ୍ରେସ ପ୍ରାର୍ଥୀ ଅଞ୍ଚଳ ଦାସ ଓ ତାଙ୍କ ସମର୍ଥକମାନେ।

ଚଣ୍ଡିଖୋଲ,୧୪ା୫(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ଅଞ୍ଚଳ ଦାସ ମଙ୍ଗଳବାର ବଡ଼ଚଣା ବ୍ଲକର ବାଲିଚନ୍ଦ୍ରପୁର ବଜାରରେ ପହଞ୍ଚି ନିର୍ବାଚନୀ ପ୍ରଚାର କରିଛନ୍ତି। ସେ ଦଳର ପୁରୁଖା କର୍ମୀଙ୍କୁ ଭେଟି ଆଗାମୀ ନିର୍ବାଚନ ପାଇଁ ବ୍ୟାପକ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ବସନ୍ତ କୁମାର ସାମଲ, ହେମନ୍ତ କୁମାର ବିଶ୍ୱାଳ ଓ ବିକ୍ରମ କେଶରୀ ରାଉତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ମେକାନିକ ସଂଘ ପକ୍ଷରୁ ଜଳଛତ୍ର

ପାଣିକୋଇଲି,୧୪ା୫(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ମେଳା ପଡ଼ିଆରେ ଶନିଶ୍ଚିର ଦେବଙ୍କ ପୂଜା ଅବସରରେ ସଠିପୁର ବାଇକ ମେକାନିକ ସଂଘ ପକ୍ଷରୁ ଏକ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଖାପାଖି ୫ ହଜାରରୁ ଭକ୍ତଙ୍କୁ ଦହି ସର୍ବତ ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ଏହି ଅନୁଷ୍ଠାନ ମାଧ୍ୟମରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସଭ୍ୟମାନେ ମତପ୍ରକାଶ କରିଛନ୍ତି।




ବାଇକ୍ ମେକାନିକ ସଂଘ ପକ୍ଷରୁ ଜଳ ବଣ୍ଟନ କରାଯାଉଛି।

## ନାମାଙ୍କନପତ୍ର ଦାଖଲ କଲେ ବରୀର ୨ ବିଧାୟକ ପ୍ରାର୍ଥୀ

ବରୀ,୧୪ା୫(ମହେନ୍ଦ୍ର ସ୍ୱାଇଁ):

ବରୀ ନିର୍ବାଚନମଣ୍ଡଳୀର ଦୁଇ ବିଧାୟକ ପ୍ରାର୍ଥୀ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଜନତା ଦରବାର ପାର୍ଟିର ଅଜୟ କୁମାର ଧଳ ଓ ନବ ନିର୍ମାଣ କୃଷକ ସଙ୍ଗଠନର ନିମାଇଁ ଚରଣ ରାୟ। ନାମାଙ୍କନପତ୍ର ଦାଖଲ ପରେ ଜନତା ଦରବାର ପାର୍ଟିର ପ୍ରାର୍ଥୀ ଧଳ କହିଛନ୍ତି, ବରୀର ମୌଳିକ ସମସ୍ୟା ସମାଧାନ କ୍ଷେତ୍ରରେ ଲୋକ ପ୍ରତିନିଧିମାନେ ଉଦ୍ୟମ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ବରୀ ଅଞ୍ଚଳ ବହୁ ପଛରେ ପଡିଛି। ତେଣୁ ଏସବୁର ସମାଧାନ ପାଇଁ ସେ ଲୋକଙ୍କୁ ଭୋଟ୍ ଭିକ୍ଷା କରିଛନ୍ତି। ଅପରପକ୍ଷରେ ନବ ନିର୍ମାଣ କୃଷକ ସଂଗଠନ ପ୍ରାର୍ଥୀ କହିଛନ୍ତି ବରୀ ଏକ କୃଷି ପ୍ରବଣ ଅଞ୍ଚଳ। ଏହି ଅଞ୍ଚଳର ଶତକଡା ୮୦ % ଲୋକେ କୃଷି ଉପରେ ନିର୍ଭରଶୀଳ। ଆମେ କୃଷକଙ୍କୁ ମୂଲ୍ୟ, ସମ୍ମାନ ଓ ଭତ୍ତା ଦେବାକୁ ବାରମ୍ବାର ଦାବି କରୁଛୁ। ଚଳିତ ନିର୍ବାଚନରେ ତାଙ୍କୁ ସମସ୍ତେ ସହଯୋଗ କଲେ ଅଞ୍ଚଳର ବିକାଶ ସହିତ କୃଷକଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ସେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି।

## ପ୍ରତିଭା ଚୟନ କାର୍ଯ୍ୟକ୍ରମ



ପ୍ରତିଭା ଚୟନ କାର୍ଯ୍ୟକ୍ରମରେ ଜଣେ ବାଳକ ତାଙ୍କ କଳାନୈପୁଣ୍ୟତା ପ୍ରଦର୍ଶନ କରୁଛନ୍ତି।

ରସୁଲପୁର,୧୪ା୫(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଡ଼ରମ୍ଭେଇ ଗ୍ରାମରେ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେଇ ସେମାନଙ୍କ କଳାନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଉନ୍ନତ କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ପ୍ରତିଭାମାନଙ୍କୁ ଗ୍ରାମ ତରଫରୁ ପ୍ରଶଂସିତ କରାଯାଇଥିଲା। ଗ୍ରାମରେ ୩ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞ ଉତ୍ସବର ନଗର ଭ୍ରମଣ ଓ ଦଧିଭାଣ୍ଡ ଭାଙ୍ଗିବା ଦିବସରେ ଗାଁର ପିଲାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନେ ନାଚ, ଗୀତ, ଚିତ୍ରାଙ୍କନ, ଝୋଟି, ଚିତା ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗାଁର ଯୁବକମାନଙ୍କ ଦ୍ୱାରା କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। ଗାଁର ଆବାଳବୃଦ୍ଧବନିତା ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରେ ଜମୁଛି ପାଣି

ବାଲିଚନ୍ଦ୍ରପୁର,୧୪ା୫(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବ୍ଲକ୍ ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ବନ୍ଦରେଶ୍ୱରଛକଠାରୁ ତିଗିରିଆ ଭାୟା ବାଲିପଡ଼ିଆ ପର୍ଯ୍ୟନ୍ତ ୮.୦୩୨ କିଲୋମିଟର ରାସ୍ତା ଗ୍ରାମ୍ୟ ନିର୍ମାଣ ବିଭାଜନ-୨ ଜାରକା ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଛି। ମାତ୍ର ଠିକାଦାରଙ୍କ ମନମାନୀ ଓ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନଭାବ ପାଇଁ ବନ୍ଦରେଶ୍ୱର ଗାଁ ଭିତରେ ଯାଇଥିବା ରାସ୍ତାଟି ଅତି ନିମ୍ନମାନର ହୋଇଛି। ରାସ୍ତାର ଉଚ୍ଚତା କମ ରହିଥିବାରୁ ସମାନ୍ୟ ବର୍ଷା ହେଲେ ଗାଁ ରାସ୍ତାରେ ପାଣି ଜମି ରହୁଛି। ପାଣି ନିଷ୍କାସନ ପାଇଁ ଡ୍ରେନେଜର କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଯାତାୟାତ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ପଲାଇ ଓଳାଶୁଣୀ ଛକଦେଇ ଜାତୀୟ ରାଜପଥକୁ ପ୍ରାୟ ଦୁଇ କିଲୋମିଟର ରାସ୍ତା ଅତିକ୍ରମ କରି ଆସିବାକୁ ପଡୁଛି। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପର୍ଯ୍ୟନ୍ତ ଥିଲେ ମଧ ଠିକାଦାର ଏ ପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭ ହୋଇ ପାରିନାହିଁ। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସାମାନ୍ୟ ବର୍ଷାରେ ଗାଁ ରାସ୍ତାରେ ପାଣି ଜମି ରହିଛି।


**Format C-1**

**Declaration about Criminal Cases**

(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of the Candidate: **Raghab Malik,Age: 54, S/o. Narana Malik, resident of Village: Aswastapada, Khuntubandha, P.O.: Khuntubandha, P.S.: Nayagarh Sadar, District: Nayagarh, PIN - 752079, Odisha.**
Name of the Political Party: **Bharatiya Janata Party (BJP)**
(Independent candidates should write "Independent" here)
Name of the Election: **Odisha Legislative Assembly**
Name of the Constituency: **121 - Dasapalla**
I, **Raghab Malik** (name of the candidate) a candidate for the above mentioned election; declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of the Court | Case No. and Dated | Status of the Case(s) | Section(s) of acts concerned and brief description of offence(s) |
|---|---|---|---|---|
| 1 | S.D.J.M., Nayagarh | GR - 56/2018 | Pending Appearance Stage | U/s- 143/146/147/149/283/294/427/506/34 of IPC |
| 2 | S.D.J.M., Nayagarh | GR - 115/2017 | Pending Appearance Stage | U/s- 143/149/186/283/341 of IPC & 32 of Police Act |
| 3 | S.D.J.M., Nayagarh | GR - 318/2017 | Pending Appearance Stage | U/s- 109/283/290 of IPC & 05 OFWLSR Act r/w 32 Police Act |
| 4 | S.D.J.M., Nayagarh | GR - 451/2017 | Pending Appearance Stage | U/s- 143/146/149/186/283/323 of IPC |
| 5 | S.D.J.M., Nayagarh | GR - 475/2018 | Pending Appearance Stage | U/s- 143/146/149/186/283 of IPC |
| 6 | J.M.F.C., Odagaon | GR - 53/2022 | Pending Appearance Stage | U/s- 143/147/149/186/283/294/506 of IPC |
| 7 | J.M.F.C., Daspalla | GR - 298/2018 | Pending Appearance Stage | U/s- 294/353/451/506 of IPC |
| 8 | J.M.F.C., Daspalla | GR - 309/2018 | Pending Appearance Stage | U/s- 143/149/186/283 of IPC |



ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ

**ପିଟିସନ ବାବଦୀୟ ବିଜ୍ଞାପନ**

[ନିୟମ ୩୫ ଦେଖନ୍ତୁ]

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

ମାମଲା: କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ
ଏବଂ
ମାମଲା: ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;
ଏବଂ
ମାମଲା: କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;
ଏବଂ
ମାମଲା: ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................. ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧
ଏବଂ
ମାମଲା: ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................. ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨
ଏବଂ
ମାମଲା: ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................. ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩
ଏବଂ
ମାମଲା: ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................. ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪
ସହିତ
ମାମଲା: ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................. ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ
(ଏତଦ୍‌ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା ୮ ମେ, ୨୦୨୪ ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)

ତାରିଖ: ୧୪।୦୫।୨୦୨୪ — ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ସ୍ଥାନ: ଭୁବନେଶ୍ୱର — ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

# ଶେଷ ଦିନରେ ୧୭ ପ୍ରାର୍ଥୀପତ୍ର ଦାଖଲ

## ୪ର୍ଥ ପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା

ଜଗତ୍‌ସିଂହପୁର, ୧୪।୫ (ପ୍ରମୋଦ କୁମାର ନାୟକ)

ଓଡ଼ିଶାରେ ୪ର୍ଥ ପର୍ଯ୍ୟାୟ ମତଦାନ ନେଇ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ଅନ୍ତିମ ଦିନରେ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୪ ଓ ଜିଲାର ୪ ବିଧାନସଭା ଆସନ ପାଇଁ ୧୩, ଏହିପରି ମୋଟ ୧୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଲୋକ ସଭା ଆସନ ପାଇଁ ସମୃଦ୍ଧ ଓଡ଼ିଶାର ପ୍ରାର୍ଥୀ ସିଲି ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଅର୍ଜୁନ ଚରଣ ବେହେରା, ଶଙ୍କର ଦାସ ଏବଂ ଭାଜପା ପ୍ରାର୍ଥୀ ବିଭୁପ୍ରସାଦ ତରାଇ ଜିଲାପାଳ ତଥା ରିଟର୍ନିଂ ଅଫିସର ଅନୁପମ ଶାହାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ କୃପାସିନ୍ଧୁ ଦାସ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଲଳିତ ମୋହନ ବେହେରାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଓଡ଼ିଶା ଜନତା ପାର୍ଟିର ଗିରିଜା ପ୍ରସାଦ, ସ୍ୱାଧୀନ ପ୍ରାର୍ଥୀ ଗଗନ ବେହେରା, ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଲିକୁଦା-ଏରସମା ବିଧାନସଭା ଆସନ ପାଇଁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ବିଜେଡିର ସାରଦା ପ୍ରସନ୍ନ ଜେନା, ଭାରତୀୟ ଜାତୀୟ କଂଗ୍ରେସର ନଳିନୀ କୁମାର ସ୍ୱାଇଁ, ବହୁଜନ ସମାଜ ପାର୍ଟିର ଅମ୍ବିକା ପ୍ରସାଦ ଭୋଇ, ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ଦୀଲିପ କୁମାର ତ୍ରିପାଠୀ, ସ୍ୱାଧୀନ ପ୍ରାର୍ଥୀ ସୁବାସ ଚନ୍ଦ୍ର ପରିଡ଼ା ଓ ହେମନ୍ତ କୁମାର ସାହୁ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ସସ୍ମିତ ରାଉତଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି।

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୪ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଭାରତୀୟ ନ୍ୟାୟ ଅଧିକାର ରକ୍ଷା ପାର୍ଟିର ପ୍ରଣବ କୁମାର ରାୟ, ନବ ଭାରତ ନିର୍ମାଣ ସେବା ପାର୍ଟିର ଗୀତାଞ୍ଜଳି ବାରିକ, ସ୍ୱାଧୀନ ନାରାୟଣ ପ୍ରସାଦ ନନ୍ଦ, ପ୍ରତିମା ମହାନ୍ତି। ଏହି ୪ ଜଣ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପ୍ରଦୀପ ସାହୁଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବୁଧବାର ଯାଞ୍ଚ ଓ ଆସନ୍ତା ୧୭ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଜୁନ ୧ରେ ମତଦାନ, ୪ରେ ଗଣତି ସହ ଫଳ ପ୍ରକାଶ ପାଇବ।



ବାଲିକୁଦା-ଏରସମା ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ନଳିନୀ କୁମାର ସ୍ୱାଇଁ ନାମାଙ୍କନ ପତ୍ର ଦାଖଲ ପାଇଁ ଯାଉଛନ୍ତି।

# ସାମାଜିକ କର୍ମୀଙ୍କ ପରଲୋକ

ରଘୁନାଥପୁର,୧୪।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ରଜତ ପାତ୍ରଙ୍କ ବାପା କୁଞ୍ଜବିହାରୀ ପାତ୍ର (୯୬)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରରେ ପୁତ୍ର ରଜତଙ୍କ ପାଖରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ। କୁଞ୍ଜବିହାରୀ ବାଣୀବିହାର ବିଶ୍ୱବିଦ୍ୟାଳୟରେ ଚାକିରିରୁ ଅବସର ନେବାପରେ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ଥିଲେ। ବିଶେଷ କରି ଶିକ୍ଷା ଓ ଗଛ ଲଗାଇବା ଉପରେ ସେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ଦେହାନ୍ତ ପରେ ପାର୍ଥିବ ଶରୀରକୁ ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ଗନାଇଲୋ ସ୍ଥିତ ନିଜ ବାସଭବନକୁ ଅଣାଯାଇଥିଲା। ସେଠାରେ ବିଜେଡି ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇ, ବ୍ଲକ ସଭାପତି ଦେବାଶିଷ ତ୍ରିପାଠୀ, ପୂର୍ବତନ ବ୍ଲକ ସଭାପତି ଦିବାକର ଖଟୁଆ, ସରୋଜକାନ୍ତ ସ୍ୱାଇଁ, ଶ୍ରୀଚରଣ ମହାପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ। ଏହାପରେ ଗ୍ରାମ ଶ୍ମଶାନରେ କୁଞ୍ଜବିହାରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ।

# ପ୍ରକଳ୍ପ ବିରୋଧୀ ନେତାଙ୍କ ସମେତ ୪ଙ୍କୁ କାରାଦଣ୍ଡାଦେଶ

## ପୋଲିସ କାର୍ଯ୍ୟରେ ବାଧା ଦେଇ ବନ୍ଧୁକ ଛଡ଼ାଇବା ଘଟଣା

**କୁଜଙ୍ଗ,୧୪।୫(ମନୋଜ ପ୍ରଧାନ):** ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ପ୍ରଭାତ ରାଉତଙ୍କ ଘର ଉପରେ ୨୦୨୧ ଡିସେମ୍ବର ୩ରେ ବୋମାମାଡ଼ ହୋଇଥିଲା। ଖବରପାଇ ବିଳମ୍ବିତ ରାତିରେ ପୋଲିସ ଏହି ଘଟଣାର ତଦନ୍ତ କରିବାକୁ ଯାଇଥିବାବେଳେ ବିରୋଧର ସମ୍ମୁଖୀନ ହୋଇଥିଲେ। ଏହି ଘଟଣାରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ ମାନସ ବର୍ଦ୍ଧନ, କୈଳାଶ ଦାସ ଓ ଅଭୟ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ କାରାଦଣ୍ଡାଦେଶ ଦିଆଯାଇଛି। ୨୦୨୧ ଡିସେମ୍ବର ୩ ରାତିରେ ପୋଲିସ ଗୋବିନ୍ଦପୁର ଗ୍ରାମକୁ ବୋମାମାଡ଼ ଘଟଣାର ତଦନ୍ତ କରିବାକୁ ଯାଇଥିବାବେଳେ ସେମାନଙ୍କ କାର୍ଯ୍ୟରେ କେତେଜଣ ବାଧା ଦେବାକୁ ଉଦ୍ୟମ କରିଥିଲେ। ଏପରିକି ପୋଲିସ ହାତରୁ ବନ୍ଧୁକ ଛଡାଇ ନିଆଯାଇଥିଲା। ଏହି ଘଟଣାରେ ୧୫ ରୁ ୨୦ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳବାର କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଏହାର ବିଚାର କରି ପୋଲିସ ହାତରୁ ବନ୍ଧୁକ ଛଡାଇବା ଘଟଣାରେ ଦେବେନ୍ଦ୍ରଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିବାବେଳେ ସମସ୍ତ ଦୋଷୀଙ୍କୁ ପୋଲିସ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ୬ ମାସ ଲେଖାଏଁ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦେବେନ୍ଦ୍ରଙ୍କ ଉପରେ ଏକ ହଜାର ଟଙ୍କା ଜରିମାନା କରାଯାଇଛି। ଉକ୍ତ ରାଶି ଅନାଦାୟ ହେଲେ ଅଧିକ ୩ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଅଭୟଚାନ୍ଦପୁର ଥାନା ଏସ୍‌ଆଇ ଆଶୁତୋଷ ହୋତା ଥାନାରେ ଲିଖିତ ଭାବେ ଅଭିଯୋଗ କରିବାପରେ ମାମଲା (ନଂ. ୧୨୫/୨୦୨୧) ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜୋନାଲିନ ରାଉତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ କର୍ଣ୍ଣ ମାମଲା ପରିଚାଳନା କରିଥିଲେ।

# ମଙ୍ଗରାଜପୁରରେ ବିଧାୟିକା ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

**କୁଜଙ୍ଗ,୧୪।୫(ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ପାରାଦୀପ ବିଜେଡି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ମଙ୍ଗଳବାର ମାରାଥନ ପ୍ରଚାର କରିଛନ୍ତି। ସେ ସମର୍ଥକଙ୍କ ଗହଣରେ ଘର ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ଷଷ୍ଠଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ବରିଷ୍ଠ ନେତା ସୁରେନ୍ଦ୍ର ନାଥ ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ଜିଲା ବିଜେଡି ଉପସଭାପତି ପୀତାମ୍ବର ତରାଇ, ପ୍ରାଣକୃଷ୍ଣ ବେହେରା, ପୂର୍ବତନ ସରପଞ୍ଚ ମିନିଲତା ବେହେରା, ବଟକୃଷ୍ଣ ପାଣି, ଯୋଗେନ୍ଦ୍ର ସ୍ୱାଇଁ, ନିର୍ଭୟ ସ୍ୱାଇଁ, ସର୍ବେଶ୍ୱର ସ୍ୱାଇଁ, ଆରତୀ ମହାନ୍ତି, ଅବନ୍ତୀ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

# ଖେଳକୁଦ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରେ

## ପାରାଦୀପ ବନ୍ଦର ଗ୍ରୀଷ୍ମକାଳୀନ ଖେଳକୁଦ ପ୍ରଶିକ୍ଷଣ ଉଦ୍‌ଯାପିତ


ଶିବରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପାରାଦୀପ,୧୪।୫(ଶରତ ରାଉତ)

ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡ଼ା ସଂସଦ ପକ୍ଷରୁ ଚାଲିଥିବା ୧୫ ଦିନିଆ ଗ୍ରୀଷ୍ମକାଳୀନ ଖେଳକୁଦ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ପାରାଦୀପ ବନ୍ଦରାଞ୍ଚଳର ୨୫୦ ଶିକ୍ଷାର୍ଥୀ ଭାଗ ନେଇଥିଲେ। ଶିବିରରେ ପିଲାମାନଙ୍କୁ ଭଲି ବଲ, ଫୁଟ୍‌ବଲ, କ୍ରିକେଟ୍, ଟେନିସ, ହକି, ସନ୍ତରଣ ଆଦି ଖେଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସଦର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦ ଉପସଭାପତି ତଥା ବରିଷ୍ଠ ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ସମ୍ପାଦକ ରଶ୍ମିରଞ୍ଜନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭଲି ବଲ କୋଚ ସଞ୍ଜୟ କୁମାର ଦାସ ଓ ରାଜକିଶୋର ମଣ୍ଡଳ, ଫୁଟ୍ ବଲ କୋଚ ରବି ଦାସ ଓ ସଞ୍ଜିତ୍ ଜେନା, କ୍ରିକେଟ କୋଚ ସୂର୍ଯ୍ୟ କାନ୍ତ ଜେନା, ଅଜିତ ଦାସ, ବିଭୂତି ବାରିକ,ଟେନିସ କୋଚ ଦେବେନ୍ଦ୍ର ସାହୁ, ହକି କୋଚ ସୁମିତ୍ ଲାକ୍ରା , ବିଜୟ ଦାସ, ସନ୍ତରଣ କୋଚ ସଞ୍ଜୟ ନାୟକ ଓ ତ୍ରୈଲୋକ୍ୟ ନାଥଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଖେଳକୁଦରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପିଲାମାନଙ୍କୁ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନ ସ୍କୁଲ ଛୁଟି ଚାଲିଛି। ଏହି ସମୟରେ ଖେଳକୁଦ କରିବା ପାଇଁ ପିଲାମାନଙ୍କୁ ପାରାଦୀପ ବନ୍ଦର ସୁଯୋଗ ଦେଇଛି। ଏହାଦ୍ୱାରା ପିଲାମାନଙ୍କର ଲୁକ୍କାୟିତ ପ୍ରତିଭା ଆତ୍ମପ୍ରକାଶ ପାଇଥାଏ ବୋଲି ମୁଖ୍ୟ ଅତିଥି ସୋନ୍ଧି କହିଥିଲେ। କାର୍ଯ୍ୟକ୍ରମକୁ ଧୂନଚନ୍ଦ୍ର ତରାଇ, ବିଶ୍ୱରଞ୍ଜନ ଦାସ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ଦିଅ

ଜଗତ୍‌ସିଂହପୁର, ୧୪।୫ (ପ୍ରମୋଦ କୁମାର ନାୟକ)


ଜିଲାପାଳଙ୍କ ସହ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ସମ୍ପର୍କରେ ସମୀକ୍ଷା କରୁଛନ୍ତି।

## ନିର୍ବାଚନ ସୁପରିଚାଳନା ନେଇ ୩ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

■ ରିଟର୍ନିଂ ଅଫିସରମାନଙ୍କ କକ୍ଷ, ଷ୍ଟ୍ରଙ୍ଗରୁମ୍, ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ

ଜଗତ୍‌ସିଂହପୁର ଜିଲାରେ ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା ପାଇଁ ୩ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସାଧାରଣ ପର୍ଯ୍ୟବେକ୍ଷକ ଡ. ଏଚ୍. ପି. ତୁମୋଡ (ଭାରତୀୟ ପ୍ରଶାସନିକ ସେବା)ଙ୍କୁ ପାରାଦୀପ, ବାଲିକୁଦା-ଏରସମା ଓ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ସେହିପରି ପର୍ଯ୍ୟବେକ୍ଷକ ଏଚ୍. ଜେ. ଦେଶାଇ (ଭାରତୀୟ ପ୍ରଶାସନିକ ସେବା) ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ନିଯୁକ୍ତ ହୋଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ନିମନ୍ତେ ପୋଲିସ ପର୍ଯ୍ୟବେକ୍ଷକ ଭାବେ ପିୟୁଷ ପାଣ୍ଡେ (ଭାରତୀୟ ପୋଲିସ ସେବା)ଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ୩ ପର୍ଯ୍ୟବେକ୍ଷକ ମଙ୍ଗଳବାର ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନୁପମ ଶାହାଙ୍କ ସହ ଆସନ୍ତା ସାଧାରଣ ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଶେଷକରି ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ଏଥିସହ ଜଗତ୍‌ସିଂହପୁର ଲୋକ ସଭା ଓ ଜିଲାର ୪ଟି ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ ହେଉଥିବା ରିଟର୍ନିଂ ଅଧିକାରୀମାନଙ୍କ କକ୍ଷରେ ପହଞ୍ଚି ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ନିର୍ବାଚନ ସୁପରିଚାଳନା ନିମନ୍ତେ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ପରିଦର୍ଶନ କରିଥିଲେ। ସେଠାରେ ପର୍ଯ୍ୟବେକ୍ଷକମାନେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ଏଫ୍‌ଏସ୍‌ଟି, ଏସ୍‌ଏସ୍‌ଟି, ଭିଭିଟିମାନଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ପର୍ଯ୍ୟବେକ୍ଷକମାନେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ପହଞ୍ଚି ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ ସହ ବିଭିନ୍ନ କାର୍ଯ୍ୟର ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ବିଭିନ୍ନ ଛପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବରଗୁଡିକ ଉପରେ ଦୃଷ୍ଟି ଦେଇ ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପେଡ୍ ନ୍ୟୁଜଗୁଡିକୁ ଅନୁଧ୍ୟାନ କରି ଇସିଆଇ (ଭାରତୀୟ ନିର୍ବାଚନ କମିଶନ)ଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମ୍ ଓ ନିର୍ବାଚନ ପରିଚାଳନାକେନ୍ଦ୍ରକୁ ପରିଦର୍ଶନ ସହ ତଦାରଖ କରିଥିଲେ। ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଓ ଭିଭିପିଏଟି ରଖାଯିବାର ବ୍ୟବସ୍ଥା, ବିଦ୍ୟୁତ୍ ଓ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନରେ ନିୟୋଜିତ ଅଧିକାରୀଙ୍କ ସୁରକ୍ଷା, ପାନୀୟ ଜଳ, ଯାତାୟାତ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଆଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ନିର୍ବାଚନକୁ ଶାନ୍ତି ଓ ଶୃଙ୍ଖଳା ସହ ପରିଚାଳନା କରିବା ପାଇଁ ଜିଲାପାଳ ଶାହାଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଓ ପୋଲିସ ପର୍ଯ୍ୟବେକ୍ଷକଙ୍କ ଗସ୍ତ ସମୟରେ ଏସ୍‌ପି ରାହୁଲ ପିଆର୍, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ଉନ୍ନୟନ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲାପାଳ ସସ୍ମିତ ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଉପଜିଲାପାଳ ପ୍ରଦୀପ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ), ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପାଇପଲାଇନ ବିଛା କାର୍ଯ୍ୟକୁ ଚାଷୀଙ୍କ ବିରୋଧ


ମା' ବରୁଣେଇ କୃଷକ ଏକତା ମଞ୍ଚର ସଦସ୍ୟମାନେ ତ୍ରିଲୋଚନପୁରରେ ପ୍ରତିବାଦ ସଭା କରୁଛନ୍ତି।

**କୁଜଙ୍ଗ,୧୪।୫(ମନୋଜ ପ୍ରଧାନ):** କୁଜଙ୍ଗ ତହସିଲ ଅନ୍ତର୍ଗତ ଫତେପୁର, ଗଣ୍ଡକିପୁର ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବିଛାଯାଉଥିବା ପାଇପ ଲାଇନ କାର୍ଯ୍ୟକୁ ମଙ୍ଗଳବାର ବିରୋଧ କରାଯାଇଛି। ଏନେଇ ମା' ବରୁଣେଇ କୃଷକ ଏକତା ମଞ୍ଚ ପକ୍ଷରୁ ତ୍ରିଲୋଚନପୁରଠାରେ ଚାଷୀମାନେ ଏକତ୍ରିତ ହୋଇ ପ୍ରତିବାଦ ସଭା କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, କୁଜଙ୍ଗ ତହସିଲ ପ୍ରତାପପୁର, ପୋଲେଇ, ଜଳଧରପୁର,ଗଣ୍ଡକିପୁର, ଫତେପୁର ଆଦି ରାଜସ୍ୱ ଗ୍ରାମର ଚାଷୀମାନେ ଇଡ୍‌କୋକୁ ଜମି ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଜମି ଅଧିଗ୍ରହଣ ଆଇନ ୨୦୧୩ ଆଧାରରେ କ୍ଷତିପୂରଣ ଦାବିକରି ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ। ନ୍ୟାୟାଳୟରେ ଚାଷୀମାନଙ୍କ ସପକ୍ଷରେ ରାୟପ୍ରକାଶ ପାଇଥିଲେ ମଧ୍ୟ ସରକାର ଏହି ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରିଥିଲେ । ଏହା ଏବେ ବିଚାରାଧୀନ ରହିଛି ମାତ୍ର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଏହି ଚାଷୀମାନଙ୍କ ଜମିରେ ପାଇପ ବିଛାଇବା କାର୍ଯ୍ୟ ଚଳାଇଛି । ଏନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ମଙ୍ଗଳବାର ଆୟୋଜିତ ପ୍ରତିବାଦ ସଭାରେ କୃଷକ ଏକତା ମଞ୍ଚର ସ୍ଥାୟୀ ସଭାପତି ସଂଗ୍ରାମ ରାଉତରାୟ ଅଧ୍ୟକ୍ଷତା କରି ପାଇପ ଲାଇନ୍ ବିଛା କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିବାଦ ସଭାରେ ଉପଦେଷ୍ଟା ସୁଧାଂଶୁ ମହାପାତ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ସାମଲ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରସାଦ ପ୍ରଧାନ, ପୂର୍ବତନ ସରପଞ୍ଚ ସାଗର ପ୍ରଧାନ, ଦିବାକର ପ୍ରଧାନ,ଚାଷୀନେତା ନବଘନ ସ୍ୱାଇଁ,ଗୌରହରି ସ୍ୱାଇଁ, ରବୀନ୍ଦ୍ର ମାଝି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।


**Format C-1**

**Declaration about Criminal Cases**

(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of the Candidate: **Raghab Malik,Age: 54, S/o. Narana Malik, resident of Village: Aswastapada, Khuntubandha, P.O.: Khuntubandha, P.S.: Nayagarh Sadar, District: Nayagarh, PIN - 752079, Odisha.**
Name of the Political Party: **Bharatiya Janata Party (BJP)**
(Independent candidates should write "Independent" here)
Name of the Election: **Odisha Legislative Assembly**
Name of the Constituency: **121 - Dasapalla**
I, **Raghab Malik** (name of the candidate) a candidate for the above mentioned election; declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of the Court | Case No. and Dated | Status of the Case(s) | Section(s) of acts concerned and brief description of offence(s) |
|---|---|---|---|---|
| 1 | S.D.J.M., Nayagarh | GR - 56/2018 | Pending Appearance Stage | U/s- 143/146/147/149/283/294/427/506/34 of IPC |
| 2 | S.D.J.M., Nayagarh | GR - 115/2017 | Pending Appearance Stage | U/s- 143/149/186/283/341 of IPC & 32 of Police Act |
| 3 | S.D.J.M., Nayagarh | GR - 318/2017 | Pending Appearance Stage | U/s- 109/283/290 of IPC & 05 OFWLSR Act r/w 32 Police Act |
| 4 | S.D.J.M., Nayagarh | GR - 451/2017 | Pending Appearance Stage | U/s- 143/146/149/186/283/323 of IPC |
| 5 | S.D.J.M., Nayagarh | GR - 475/2018 | Pending Appearance Stage | U/s- 143/146/149/186/283 of IPC |
| 6 | J.M.F.C., Odagaon | GR - 53/2022 | Pending Appearance Stage | U/s- 143/147/149/186/283/294/506 of IPC |
| 7 | J.M.F.C., Daspalla | GR - 298/2018 | Pending Appearance Stage | U/s- 294/353/451/506 of IPC |
| 8 | J.M.F.C., Daspalla | GR - 309/2018 | Pending Appearance Stage | U/s- 143/149/186/283 of IPC |



**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**

**ପିଟିସନ ବାବଦୀୟ ବିଜ୍ଞାପନ**

**[ନିୟମ ୩୫ ଦେଖନ୍ତୁ]**

**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**

**CP (CAA) No.5/CB/2024**
**Connected with CA (CAA) No. 2/CB/2024**

ମାମଲା: କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ

ଏବଂ

ମାମଲା: ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;

ଏବଂ

ମାମଲା: କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;

ଏବଂ

ମାମଲା: ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧

ଏବଂ

ମାମଲା: ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨

ଏବଂ

ମାମଲା: ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩

ଏବଂ

ମାମଲା: ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪

ସହିତ

ମାମଲା: ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।

................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ

(ଏତଦ୍‌ପଶ୍ଚାତ୍ ମିଳିତ ଭାବେ ''ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ'')

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)

ତାରିଖ: ୧୪।୦୫।୨୦୨୪ — ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ସ୍ଥାନ: ଭୁବନେଶ୍ୱର — ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

## ସଂକ୍ଷେପରେ

### କୁରାଳରୁ ବିପୁଳ ପରିମାଣର ମଦ ଜବତ, ୨ ଗିରଫ

ଓଡଗାଁ,୧୪।୫(ଆଦର୍ଶ କୁମାର ପଟ୍ଟନାୟକ)

ରବିବାର ରାତିରେ ନୟାଗଡ଼ ଓ ଶରଣକୁଳ ପୋଲିସର ଏକ ସ୍ୱତନ୍ତ୍ର ଟିମ କୁରାଳ ଗ୍ରାମରେ ପହଞ୍ଚି ଚଢାଉ କରିଥିଲା । ସୁବୁଦ୍ଧି ସାହିରେ ସୁନୀଲ ସାହୁ ଓରଫ ମୁନାଙ୍କ ଘରୁ ୪୭ ଲିଟର ମଦ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୩୭ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି । ସେହିପରି ଗୋଲା ସାହିର ଶୁକଦେବ ସାହୁଙ୍କ ଘରୁ ପ୍ରାୟ ୪୭ ଲିଟର ମଦ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୪୬,୬୭୫ ଟଙ୍କା ହେବ ବୋଲି ସୂଚନା ମିଳିଛି । ଏହା ସହିତ ତାଙ୍କର ମଦ ଦୋକାନରୁ ୧୧ ହଜାର ନଗଦ ଟଙ୍କା ଜବତ ହୋଇଛି । ଅନ୍ୟପକ୍ଷେ ଚଢାଉ ସୂଚନା ପାଇ ସେହି ଗ୍ରାମରେ ବେଆଇନ ମଦ କାରବାର ଚଳାଇଥିବା ଏକାଧିକ ମଦ ଦୋକାନୀ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ଉଭୟଙ୍କୁ ପୋଲିସ ଗିରଫ କରି ମାମଲା ରୁଜୁ କରିବା ସହିତ ସୋମବାର କୋର୍ଟ ଚାଲାଣ କରିଛି । ଚଢାଉରେ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁଙ୍କ ନେତୃତ୍ୱରେ ଏକ ଟିମ ସାମିଲ ହୋଇଥିଲେ ।

### ଭାଜପା ଏମ୍‌ପି,ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା

ରଣପୁର,୧୪।୫(ସୁକାନ୍ତ କିଶୋର ଡାକୁଆ)

ଭୋଟ ତାରିଖ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ଜମୁଛି । ଭାଜପାର ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ରଣପୁର ବିଧାନସଭା ପ୍ରାର୍ଥୀ ସୁରମା ପାଢ଼ୀ ସୋମବାର ଗୋପାଳପୁର ମଣ୍ଡଳ ତରଫରୁ ଏକ ବାଇକ୍ ଶୋଭାଯାତ୍ରାରେ ନାକିଠଣା ରଘୁନାଥ ମନ୍ଦିରରୁ ବାହାରି ଗୋପାଳପୁର ଦେଇ କାଣ୍ଡପଡ଼ା ଗ୍ରାମପଞ୍ଚାୟତ ଯାଏ ଯାଇଥିଲେ । ଏହି ଅବସରରେ ଉଭୟ ପ୍ରାର୍ଥୀ ଲୋକମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ସହ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ । ପ୍ରାର୍ଥୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ କଥା କହିବା ସହ ତାଙ୍କ ହାତମୁଠାକୁ ଟାଣ କରିବାକୁ କହିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଓଡ଼ଗାଁ,୧୪।୫ (ଆଦର୍ଶ କୁମାର ପଟ୍ଟନାୟକ)ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ବେହେରାସାହିର ବାସିନ୍ଦା ତଥା ସଂସ୍କୃତ ଟୋଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି । ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା । ତାଙ୍କର ଏହି ବିୟୋଗରେ କୁରାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରାମେଶର ପଣ୍ଡା ଏବଂ ପଞ୍ଚଭୂତି ହାଇସ୍କୁଲ ପୁରାତନ ଛାତ୍ର ଆଦର୍ଶ କୁମାର ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି । ବଡପୁଅ ଶିକ୍ଷକ ଅଶୋକ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

# ବିଭାଗର ଦୂରଦୃଷ୍ଟି ଅଭାବରୁ ରାଥିବାଲି ଜଳପ୍ରପାତ ନେଉଛି ଜୀବନ

■ବାରମ୍ବାର ଘଟୁଛି ପର୍ଯ୍ୟଟକଙ୍କ ମୃତ୍ୟୁ
■ଡିସେମ୍ବରରୁ ଏଯାଏ ୩ମୃତ, ୭ ଗୁରୁତର

ପଟ୍ଟାଙ୍ଗି,୧୪।୫(ଶରତ ଧଳ)



ଖରାଦିନ ହେଉ ବା ପର୍ଯ୍ୟଟନ ଋତୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକମାନେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଇଥାନ୍ତି । ତେବେ ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟଟନ ସ୍ଥଳରେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ହେଉ ନ ଥିବାରୁ ଅନେକ ସମୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକମାନେ ମୃତ୍ୟୁ ମୁଖରେ ପଡୁଛନ୍ତି । କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ରଥିବାଲିସ୍ଥିତ ଗାଲିଗାବଡ଼ର ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ସୋମବାର ଏପରି ଏକ ଦୁର୍ଘଟଣା ଘଟିଛି । ୩ଜଣ ସାଙ୍ଗ ଏହି ପର୍ଯ୍ୟଟନ ସ୍ଥଳକୁ ବୁଲିବାକୁ ଆସି ୨ଜଣ ଜଳ ପ୍ରପାତରେ ଗାଧୋଉଥିବା ବେଳେ ତଳକୁ ଗୋଡ ଦବିଯିବାରୁ ବୁଡିଯାଇଥିଲେ । ଖବରପାଇ ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ ଜଳପ୍ରପାତରେ ବହୁ ସମୟ ଧରି ଖୋଜାଖୋଜି କରି ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ । ତେବେ ପର୍ଯ୍ୟଟନ ବିଭାଗ ଅବା ଜିଲା ପ୍ରଶାସନ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁ ନ ଥିବାରୁ ବାରମ୍ବାର ଏପରି ଦୁର୍ଘଟଣାମାନ ଘଟୁଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଉକ୍ତ ପର୍ଯ୍ୟଟନ ସ୍ଥଳରେ ଗତ ଡିସେମ୍ବରରୁ ଚଳିତ ମେ ମାସ ମଧ୍ୟରେ ୩ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହେଲେଣି । ଏ ସମ୍ପର୍କରେ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ନିକଟରେ ଖବର ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ । ଏହି ପର୍ଯ୍ୟଟନ ସ୍ଥଳରେ ଏପରି ବାରମ୍ବାର ଅଘଟଣ ଘଟୁଥିବାରୁ ପଟ୍ଟାଙ୍ଗି ବିକାଶ ପରିଷଦ ଏବଂ ଓଡିଶା ମୋଟର ଚାଳକ ସଂଘର ପଟ୍ଟାଙ୍ଗି ଶାଖା ଉଦ୍‌ବେଗ ପ୍ରକାଶ କରିଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପର୍ଯ୍ୟଟନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା କରିବା ନିମନ୍ତେ ଉଭୟ ସଙ୍ଗଠନ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀଙ୍କୁ ପଚାରିବାରୁ ସେ କହିଲେ,ସେଠାରେ ପର୍ଯ୍ୟଟକମାନଙ୍କୁସଚେତନ କରିବାକୁ ବିଭିନ୍ନ ସଚେତନତାମୂଳକ ବୋର୍ଡ ମରାଯାଇଛି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ପର୍ଯ୍ୟଟକମାନଙ୍କ ଜୀବନହାନି ଘଟୁଛି । ଆମେ ସେଠାରେ ଏକ ବାରିକେଟ୍ କରିବାକୁ ନିଷ୍ପତ୍ତିନେଇଛୁ । ନିର୍ବାଚନ ପରେ ଜିଲାପାଳଙ୍କ ସହ ଆଲୋଚନା କରି ଏ ଦିଗରେ ଆଗେଇବୁ ବୋଲି ପ୍ରଧାନୀ କହିଥିଲେ ।

# ଗାଡ଼ିମୋଟର ଯାଞ୍ଚ ବେଳେ ଗଞ୍ଜେଇ ଜବତ

## ୨ ଯାତ୍ରୀ ସମେତ ଅଟୋ ଅଟକ

ଦାରିଙ୍ଗବାଡି,୧୪।୫(ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ୫୯ ନଂ. ଜାତୀୟରାଜପଥରେ ମଙ୍ଗଳବାର ଏସ୍‌ଏସ୍‌ଟି ଟିମ୍‌ର ଗାଡି ମୋଟର ଯାଞ୍ଚ ବେଳେ ୨ ପ୍ୟାକେଟ ଗଞ୍ଜେଇ ଜବତ ହୋଇଛି । ଏଥିରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ଓ ଏସ୍‌ଏସ୍‌ଟିଟିମ୍ ୨ ଜଣ ଯାତ୍ରୀ ଏବଂ ଅଟୋ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ଆସନ୍ତା ୨୦ରେ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରତିଦିନ ଭଳି ରାଜପଥର ଶ୍ରାନିକେତା ପଞ୍ଚାୟତ ଦଣ୍ଡିମା-ସୁଲୁମାହା ମଝି ରାସ୍ତାରେ ନାକା ଲଗାଇ ଏସ୍‌ଏସ୍‌ଟି ଟିମ ଗାଡ଼ି ମୋଟର ଯାଞ୍ଚ ବେଳେ ସିମନବାଡିଠାରୁ ଦାରିଙ୍ଗବାଡି ଅଭିମୁଖେ ଯାଉଥିବା ଏକ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ । ଏଥିରେ ଏକ ବ୍ୟାଗ ଯାଞ୍ଚ ସମୟରେ ୨ ପ୍ୟାକେଟ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ଏନେଇ ଏସ୍‌ଏସ୍‌ଟି ଟିମ୍‌ର ମୁଖ୍ୟ ସୀତାଂଶୁ ମଲିକ ଦାରିଙ୍ଗବାଡି ଥାନାକୁ ଜଣାଇଥିଲେ । ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଅଟୋ ସମେତ ଚାଳକ ଓ ୨ ଯାତ୍ରୀଙ୍କୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଅଟୋ ଚାଳକ ଜଣକ ଏହା ଯାତ୍ରୀଙ୍କର ବୋଲି କହୁଥିବା ବେଳେ ଯାତ୍ରୀ ଜଣକ ମୋର ବ୍ୟାଗ ନୁହେଁ ବୋଲି କହିଥିଲେ । ଫଳରେ ପୋଲିସ ଉଭୟଙ୍କୁ ନେଇ ଥାନାରେ ପଚାର ଉଚରା କରୁଛି । ଖବର ଲେଖାହେବା ସୁଦ୍ଧା ଗଞ୍ଜେଇ କାହାର ସ୍ପଷ୍ଟ ହୋଇପାରିନି ।



# କେଏସ୍‌ବି ପବ୍ଲିକ ସ୍କୁଲର ୧୮ କବ୍ ବୁଲବୁଲ ରାଜ୍ୟ ପୁରସ୍କାର ପାଇଲେ

ଶରଣକୁଳ,୧୪।୫(ଦୀପକ କର)




ଭାରତ ସ୍କାଉଟ ଗାଇଡ଼ ପକ୍ଷରୁ ମଙ୍ଗଳବାର ରାଜ୍ୟରେ ୩୦ ଜିଲାର ଚୟନ ହୋଇଥିବା କବ ବୁଲବୁଲ ଓ ସ୍କାଉଟ ଗାଇଡ଼ମାନଙ୍କୁ ୨୦୨୩ -୨୪ ବର୍ଷର ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ଶରଣକୁଳ କେ.ଏସ.ବି ପବ୍ଲିକ ସ୍କୁଲର ୧୮ ଜଣ କବ ବୁଲବୁଲ ଏହି ପୁରସ୍କାର ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଛନ୍ତି । ମଙ୍ଗଳବାର ରାଜ ଭବନରେ ଭାରତ ସ୍କାଉଟ ଗାଇଡ଼ ପକ୍ଷରୁ ଆୟୋଜିତ ରାଜ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଓ ଭାରତ ସ୍କାଉଟ ଗାଇଡ଼ ରାଜ୍ୟ କମିଶନର କାଳୀ ପ୍ରସାଦ ମିଶ୍ର ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ସ୍କୁଲ ଶିକ୍ଷୟିତ୍ରୀ ସବିତା ସାହୁଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସ୍କାଉଟ ଓ ଗାଇଡ଼ ପକ୍ଷରୁ ସ୍ଥିର ହୋଇଥିବା ସ୍କୁଲର ଯଶସ୍ୱିନୀ ଦାଶ, ସ୍ମିତି ପ୍ରଜ୍ଞା, କ୍ରିଷ୍ଣା କୁମାର ମହାପାତ୍ର ଓ ଶ୍ରୀରାଜ ସାହୁ ପ୍ରମୁଖ ଉକ୍ତ ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗ ଦେଇଥିଲେ । ଏହି ଉତ୍ସବରେ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଓ ଭାରତ ସ୍କାଉଟ ଗାଇଡ ରାଜ୍ୟ ସଂଯୋଜକ ତଥା ଓଡ଼ଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ ।

# ଗଞ୍ଜେଇ କାରବାର, ୨ଭାଇ ଗିରଫ



ଗିରଫ ୨ ଭାଇ । ଜବତ ଗଞ୍ଜେଇ

ନୟାଗଡ଼,୧୪।୫(ଲୋକନାଥ ମିଶ୍ର): ଗଞ୍ଜେଇ ବ୍ୟବସାୟ କରି ଦୁଇ ଭାଇ ଗିରଫ ହୋଇ ଜେଲ ଯାଇଛନ୍ତି । ଜାମିନ ନାମଞ୍ଜୁର ପରେ ଦୁର୍ଗାପ୍ରସାଦ ଗାଁର ବିଜୟ ପ୍ରଧାନ (୨୪) ଓ ତାଙ୍କ ଭାଇ ଜିତୁ ପ୍ରଧାନ(୨୭)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଦୁର୍ଗାପ୍ରସାଦର ବିଜୟ ଓ ଜିତୁ ବ୍ରାଉନସୁଗାର କାରବାର କରନ୍ତି । ନିଜ ଗାଁରୁ ଗଞ୍ଜେଇ ଧରି ଏକ ବାଇକ୍(ନଂ.ଓଡି ୨୫ଡି ୯୫୮୬)ରେ ସେମାନେ ଆସୁଥିବାବେଳେ ପୋଲିସ ଦୁଇ ଭାଇଙ୍କୁ ଧରି ୧୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏପରି ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ପୋଲିସ ଜବତ କରିଛି ।

# ରାବଣ ପୋଡ଼ି ଉତ୍ସବ

ଦଶପଲ୍ଲା,୧୪।୫(ପ୍ରକାଶ କୁମାର ପାଣି)-ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅଧୀନ ମଧଖଣ୍ଡ ଗ୍ରାମରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଯାଇଛି । ବହୁ ବର୍ଷ ହେଲା ଗଡ଼ ଭିତର ସାହିରେ ଏହି ଉତ୍ସବ ପାଳିତ ହୋଇ ଆସୁଛି । ଗ୍ରାମରେ ଥିବା ଶ୍ରୀ ରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରାମ ଜନ୍ମ, ସୀତା ବିବାହ, ସୀତାଚୋରି, ବାଳି ବଧ ଆଦି ରାମଲୀଳା ମଞ୍ଚସ୍ଥ ହୋଇଥିଲା । ଏହା ପରେ ରାବଣ ପୋଡ଼ି ଉତ୍ସବ ଆରମ୍ଭ ହୋଇଥିଲା । ସମସ୍ତ କଳାକାର, ଜନସାଧାରଣଙ୍କୁ ନେଇ ଏକ ବିରାଟ ପଟୁଆର ମନ୍ଦିରରୁ ବାହାରି ମୁଖ୍ୟ ଛକ ପର୍ଯ୍ୟନ୍ତ ଆସିଥିଲା । ସେଠାରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହା ପରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହା ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା । ଶ୍ରୀ ରାମ ମନ୍ଦିର କମିଟିର ସଦସ୍ୟ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା ।

# ଏମ୍‌କେସିଜିରେ ଡାକ୍ତର ନିଯୁକ୍ତି ପାଇଁ ସାକ୍ଷାତକାର

ବ୍ରହ୍ମପୁର,୧୪।୫(ସୁବାସ ଚନ୍ଦ୍ର ପାଢ଼ି):ଏମକେସିଜି ମେଡିକାଲରେ ନୂତନ ଭାବେ ଚୁକ୍ତିଭିତ୍ତିକ ଡାକ୍ତର ନିଯୁକ୍ତ ପାଇଁ ୱାକ୍ ଇନ୍ ଇଣ୍ଟରଭ୍ୟୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଟ୍ୟୁଟର, ସିନିୟର ରେସିଡେଣ୍ଟ ଓ ଜୁନିୟର ରେସିଡେଣ୍ଟ ଡାକ୍ତର ପଦ ପାଇଁ ବହୁ ଆଶାୟୀ ଯୋଗ ଦେଇଥିଲେ । ସମସ୍ତଙ୍କ ସାକ୍ଷାତକାର ନିଆଯିବା ସହ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇଥିଲା । ସୂଚନାଯୋଗ୍ୟ, ଏମକେସିଜି ମେଡିକାଲରେ ବିଭିନ୍ନ ବିଭାଗରେ ମୋଟ ୧୬୦ଟି ଡାକ୍ତରୀ ପଦ ଖାଲି ପଡିଛି । ସେଥିରୁ ୧୦ଟି ବିଭିନ୍ନ ବିଭାଗରେ ୧୦ଟି ପ୍ରଫେସର ପଦ ଖାଲିଥିବା ବେଳେ ୨୯ଟି ଆସୋସିଏଟ ପ୍ରଫେସର ପଦ, ୨୫ଟି ଆସିଷ୍ଟାଣ୍ଟ ପଦ, ୭୪ଟି ସିନିୟର ରେସିଡେଣ୍ଟ ଓ ୧୬ଟି ଟ୍ୟୁଟର ପଦ ଓ ୬ଟି ଜୁନିୟର ରେସିଡେଣ୍ଟ ପଦ ଖାଲି ପଡିଛି । ଏହି ସବୁ ପଦ ପୂରଣ ପାଇଁ ପୂର୍ବରୁ ଏମକେସିଜି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ହୋଇଥିଲା ।

# ବ୍ରାଉନସୁଗାର ବ୍ୟବସାୟୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

## ୨୧୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା

ନୟାଗଡ଼,୧୪।୫(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ଜଜ କମ ସ୍ପେଶାଲ ଜର୍ଜଙ୍କ କୋର୍ଟରେ ମଙ୍ଗଳବାର ବ୍ରାଉନସୁଗାର ବ୍ୟବସାୟୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ହୋଇଛି । ଏଥି ସହ ୫୦ ହଜାର ଜରିମାନା ହୋଇଛି । ଜରିମାନା ଅନାଦୟେ ୧ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାର ନିର୍ଦ୍ଦେଶ ରହିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୨୩ ଜୁନ ୨୩ ପୂର୍ବାହ୍ନ ପ୍ରାୟ ୯.୪୫ରେ ଅବକାରୀ ବିଭାଗର କର୍ମଚାରୀମାନେ ଦଶପଲ୍ଲା ଥାନା ତ୍ରିନାଥଛକରୁ ଏକ ସ୍କୁଟିରୁ ୨୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ । ଏହି ଘଟଣାରେ ବ୍ରାଉନସୁଗାର ବ୍ୟବସାୟୀ ଦଶପଲ୍ଲା ଥାନା ପାଟପୁରପାଟଣା ପଞ୍ଚାୟତ ସାତପାଟଣା ଗାଁର ବାବୁନା ସେଠୀ (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ବାବୁଲ ଜେଲରେ ଅଛନ୍ତି । ମଙ୍ଗଳବାର ଜିଲା ଜଜ କମ ସ୍ପେଶାଲ ଜଜ ଆନନ୍ଦ ନାରାୟଣ ମହାରଣା ବ୍ରାଉନସୁଗାର ମାମଲାର ବିଚାର କରି ଦଣ୍ଡ ଘୋଷଣା କରିଛନ୍ତି । ସରକାରଙ୍କପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରୋସିକ୍ୟୁଟର ପ୍ରମୋଦ କୁମାର ବିଶ୍ୱାଳ ମୋକଦ୍ଦମା ପରିଚାଳନା କରୁଥିଲେ ।

# ୨ ବ୍ୟବସାୟୀ ଗଲେ ଜେଲ

## ୧୦ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ

ନୟାଗଡ଼,୧୪।୫(ଲୋକନାଥ ମିଶ୍ର):ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ନୂଆଗାଁ ଥାନାର ଦୁଇଟି ଅଞ୍ଚଳ ଉପରେ ଚଢ଼ାଉ କରି ୧୦ କେଜି ୫୦୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ବିହାର ରାଜ୍ୟ ମୁଜାରପରପୁର ଜିଲା ମିନାପୁର ଥାନା ରାମୋଟବାହାନ ଗାଁର ମନିଷ କୁମାର ପଟେଲ(୨୩) ଓ କନ୍ଧମାଳ ଜିଲା ଟିକାବାଲି ଥାନା ଅରବକା ଗାଁର ଅମନ ଦିଗାଲ(୩୦)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅବକାରୀ ବିଭାଗର କର୍ମଚାରୀମାନେ ନୂଆଗାଁ ଥାନା ରାମଚଣ୍ଡୀମନ୍ଦିର ସମ୍ମୁଖରେ ଚଢ଼ାଉ କରି ମଙ୍ଗଳବାର ଭୋର ସମୟରେ ରାମୋଟବାହାନ ଗାଁର ମନିଷ କୁମାର ପଟେଲଙ୍କଠାରୁ ୫କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୧୧/୨୪ରେ ମାମଲା ରୁଜୁ କରାଯାଇଛି । ସେହିପରି ନୂଆଗାଁ ଥାନା କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ଅରବକା ଗାଁର ଅମନ ଡଗାଲଙ୍କଠାରୁ ୫ କେଜି ଗଞ୍ଜେଇ ଜବତ କରାଯାଇଛି । ଏନେଇ ୧୨/୨୪ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଛି ।

**Format C-1**

**Declaration about Criminal Cases**

(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of the Candidate: **Raghab Malik,Age: 54, S/o. Narana Malik, resident of Village: Aswastapada, Khuntubandha, P.O.: Khuntubandha, P.S.: Nayagarh Sadar, District: Nayagarh, PIN - 752079, Odisha.**
Name of the Political Party: **Bharatiya Janata Party (BJP)**
(Independent candidates should write "Independent" here)
Name of the Election: **Odisha Legislative Assembly**
Name of the Constituency: **121 - Dasapalla**
I, **Raghab Malik** (name of the candidate) a candidate for the above mentioned election; declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of the Court | Case No. and Dated | Status of the Case(s) | Section(s) of acts concerned and brief description of offence(s) |
|---|---|---|---|---|
| 1 | S.D.J.M., Nayagarh | GR - 56/2018 | Pending Appearance Stage | U/s- 143/146/147/149/283/294/427/506/34 of IPC |
| 2 | S.D.J.M., Nayagarh | GR - 115/2017 | Pending Appearance Stage | U/s- 143/149/186/283/341 of IPC & 32 of Police Act |
| 3 | S.D.J.M., Nayagarh | GR - 318/2017 | Pending Appearance Stage | U/s- 109/283/290 of IPC & 05 OFWLSR Act r/w 32 Police Act |
| 4 | S.D.J.M., Nayagarh | GR - 451/2017 | Pending Appearance Stage | U/s- 143/146/149/186/283/323 of IPC |
| 5 | S.D.J.M., Nayagarh | GR - 475/2018 | Pending Appearance Stage | U/s- 143/146/149/186/283 of IPC |
| 6 | J.M.F.C., Odagaon | GR - 53/2022 | Pending Appearance Stage | U/s- 143/147/149/186/283/294/506 of IPC |
| 7 | J.M.F.C., Daspalla | GR - 298/2018 | Pending Appearance Stage | U/s- 294/353/451/506 of IPC |
| 8 | J.M.F.C., Daspalla | GR - 309/2018 | Pending Appearance Stage | U/s- 143/149/186/283 of IPC |

**ଫର୍ମ ନଂ. ଏନ୍‌ସିଏଲ୍‌ଟି. ୩ଏ**
**ପିଟିସନ ବାବଦୀୟ ବିଜ୍ଞାପନ**
**[ନିୟମ ୩୫ ଦେଖନ୍ତୁ]**
**ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ କଟକସ୍ଥିତ କଟକ ଖଣ୍ଡପୀଠରେ**
**CP (CAA) No.5/CB/2024**
**Connected with CA (CAA) No. 2/CB/2024**

ମାମଲା: କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ
ଏବଂ
ମାମଲା: ଉକ୍ତ ଅଧିନିୟମର ଧାରା ୨୩୦ରୁ ୨୩୨ ଅଧୀନରେ;
ଏବଂ
ମାମଲା: କମ୍ପାନୀ (ବୁଝାମଣା, ବନ୍ଦୋବସ୍ତ ଏବଂ ମିଶ୍ରଣ) ନିୟମାବଳୀ, ୨୦୧୬ ତଥା ଅନ୍ୟାନ୍ୟ ନିୟମାବଳୀ ଅଧୀନରେ;
ଏବଂ
ମାମଲା: ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U45201OR2008PTC010209**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ଦିନଲିପି ଭବନ, ଏ-୫୪/୧ ଏବଂ ଏ-୫୫/୧, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୧
ଏବଂ
ମାମଲା: ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U67120OR1995PTC003978**, କମ୍ପାନୀ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୨
ଏବଂ
ମାମଲା: ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସିଆଇଏନ୍: **U21099OR1986PTC001735**, କମ୍ପାନୀ ଅଧିନିୟମ ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୩
ଏବଂ
ମାମଲା: ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍: ସିଆଇଏନ୍: **U67120OR1984PLC001307**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଉପରୋକ୍ତ କ୍ଷେତ୍ରାଧିକାର ଅଧୀନରେ ୩ୟ ମହଲା, ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରକାରୀ କମ୍ପାନୀ ୪
ସହିତ
ମାମଲା: ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍, ସିଆଇଏନ୍: **U24119OR1978PLC000785**, କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ ଗଠିତ ଏକ କମ୍ପାନୀ, ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ଏ-୫୪/୧ ଏବଂ ଏ-୫୫/୧, ନୂଆପଲ୍ଲୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶାଠାରେ ଅବସ୍ଥିତ, ଅଧୀନରେ।
................ ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ
**(ଏତଦ୍‌ପଶ୍ଚାତ୍ ମିଳିତ ଭାବେ "ଆବେଦକ କମ୍ପାନୀ ଭାବେ ଉଲ୍ଲିଖିତ")**

**ପିଟିସନ ନୋଟିସ**

ଉପରନାମିତ ଆବେଦକମାନଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ ଓ ୨୩୨ ଅଧୀନରେ ସୂର୍ଯ୍ୟୋ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ପେପର୍ସ ପ୍ରାଇଭେଟ୍ ଲିମିଟେଡ୍, ସୂର୍ଯ୍ୟୋ ଇନ୍‌ଭେଷ୍ଟମେଣ୍ଟସ ଆଣ୍ଡ ଟ୍ରାନ୍ସପୋର୍ଟ ଲିମିଟେଡ୍ (ଆବେଦକ ହସ୍ତାନ୍ତରକାରୀ କମ୍ପାନୀ) ଏବଂ ସୂର୍ଯ୍ୟୋ ଉଦ୍ୟୋଗ ଲିମିଟେଡ୍ (ଆବେଦକ ହସ୍ତାନ୍ତରଗ୍ରାହୀ କମ୍ପାନୀ)ର ମିଶ୍ରଣ ଯୋଜନାର ମଞ୍ଜୁରୀ ପାଇଁ ଏକ ଆବେଦନ (ପିଟିସନ) ଉପରନାମିତ ଆବେଦକମାନଙ୍କ ଦ୍ୱାରା **୮ ମେ, ୨୦୨୪** ଦିନ ଉପସ୍ଥାପିତ କରାଯାଇଥିଲା ଏବଂ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧୀକରଣ, କଟକ ଖଣ୍ଡପୀଠଙ୍କ ନିକଟରେ ଉପରୋକ୍ତ ଆବେଦନର ଶୁଣାଣି **୫ ଜୁନ୍, ୨୦୨୪** ଦିନ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଛି। କଥିତ ଆବେଦନ (ପିଟିସନ) ସପକ୍ଷ କିମ୍ବା ବିରୋଧରେ ନିଜର ମତାମତ ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ବ୍ୟକ୍ତି ନିଜର ଅଭିପ୍ରାୟ ନୋଟିସକୁ ନିଜର କିମ୍ବା ନିଜର ଓକିଲଙ୍କ ଦସ୍ତଖତ ଓ ନିଜର ନାମ ଓ ଠିକଣା ସହିତ ଏପରି ଭାବେ ପଠାଇବେ ଯାହା ଆବେଦକଙ୍କ ଓକିଲଙ୍କ ନିକଟକୁ ପିଟିସନ ଶୁଣାଣି ଲାଗି ସ୍ଥିର ହୋଇଥିବା ଦିବସର ଦୁଇ ଦିନ ପୂର୍ବରୁ ପ୍ରାପ୍ତ ହେବ। ଯଦି କୌଣସି ବ୍ୟକ୍ତି ଆବେଦନ (ପିଟିସନ)କୁ ବିରୋଧ କରୁଥାନ୍ତି, ତେବେ ନୋଟିସ ସହିତ ଆପତ୍ତିର କାରଣ କିମ୍ବା ତାଙ୍କର ସତ୍ୟପାଠ ସଂଲଗ୍ନ କରାଯିବା ଜରୁରୀ ଅଟେ। ଏହି ପିଟିସନର ନକଲ ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତିଙ୍କୁ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସେଥି ନିମନ୍ତେ ନିର୍ଦ୍ଧାରିତ ଶୁଳ୍କର ପରିଶୋଧ ପରେ ଯୋଗାଇଦିଆଯିବ।

ସ୍ୱା./- ଶାଶ୍ୱତ କୁମାର ରାଉତ
(ଆବେଦକଙ୍କ ଓକିଲ)
ପ୍ଲଟ୍ ନଂ. ୬୮୭, କେ-୩ବି, କଳିଙ୍ଗ ନଗର
ଘାଟିକିଆ, ଭୁବନେଶ୍ୱର-୭୫୧୦୨୯

ତାରିଖ: ୧୪।୦୫।୨୦୨୪
ସ୍ଥାନ: ଭୁବନେଶ୍ୱର

# ବିଜେଡି, ଭାଜପା ପାଇଁ ସମ୍ମାନର ଲଢ଼େଇ

**ଯାଜପୁର,୧୪।୫(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୯ରେ ବିଜୟୀ ହୋଇଥିବା ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଏଥର ସମ୍ବଲପୁର ଲୋକ ସଭା ଆସନରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ପ୍ରଣବଙ୍କ ସ୍ଥାନରେ ଯାଜପୁର ବିଧାନସଭା ଆସନରୁ ଦଶରଥପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୁଜାତା ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ରାଜନୈତିକ ପାଣିପାଗ ବେଶ୍ ସରଗରମ ହୋଇଛି। ୧୯୮୫ରୁ ଏହି ଆସନ ଅଣକଂଗ୍ରେସ ପ୍ରାର୍ଥୀଙ୍କ କବ୍‌ଜାରେ ରହିଆସିଥିବାବେଳେ ୨୦୦୦ରୁ ବିଜେଡି ପ୍ରାର୍ଥୀ ଜିତି ଆସୁଛନ୍ତି। ବବି ୨୦୦୯ରୁ କ୍ରମାଗତ ୩ଥର ଏଠାରୁ ବିଜୟୀ ହୋଇଛନ୍ତି। ଚଳିତଥର ବିଜେଡି ପଡିଆରାକୁ ଜାରି ରଖିବା ସୁଜାତାଙ୍କ ଦକ୍ଷତା ଉପରେ ନିର୍ଭର କରୁଥିବାବେଳେ ଦଳ ପାଇଁ ସମ୍ମାନର ଲଢ଼େଇ ହୋଇଛି। ଭାଜପା ଏଠାରେ ଗତଥରର ପ୍ରାର୍ଥୀ ଗୌତମ ରାୟଙ୍କୁ ଭରସା କରିଛି। ୨୦୧୯ରେ ସେ ୫୯ ହଜାର ୮୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ୨୦୧୪ ତୁଳନାରେ ୨୦୧୯ରେ ଭାଜପା ପ୍ରାର୍ଥୀଙ୍କୁ ୨୪.୨% ପ୍ରତିଶତ ଅଧିକ ଭୋଟ ମିଳିଥିଲା ଏବଂ ବବିଙ୍କ ଭୋଟହାର ୮.୯୩% ହ୍ରାସ ପାଇଥିଲା। ଏଥର ବବି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହୋଇନାହାନ୍ତି। ବିଜେଡିର ନୂଆ ଚେହେରା ସହ ଗୌତମଙ୍କର ଲଢ଼େଇ ହେଉଥିବାରୁ ଭୋଟରଙ୍କ ମନ ଜିଣିବାରେ ତାଙ୍କ ଦକ୍ଷତାର ପରୀକ୍ଷା ହେବ ବୋଲି କୁହାଯାଉଛି। ସେହିପରି ଭାଜପା ପାଇଁ ମଧ୍ୟ ସମ୍ମାନର ଲଢ଼େଇ ହେଉଥିବା ଅନେକେ ବିବେଚନା କରୁଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଏଥର ପ୍ରାର୍ଥୀ ପରିବର୍ତ୍ତନ କରି ସୁଦୀପ କୁମାର କରଙ୍କ ଉପରେ ଭରସା କରିଛି। ସେ କେତେ ସଫଳ ହେବେ ତାହା ଜୁନ୍ ୪ରେ ସ୍ପଷ୍ଟ ହୋଇଯିବ।

ରାଜ୍ୟରେ ଏଥର ନବୀନ ଏବଂ ମୋଦିଙ୍କ ଲୋକପ୍ରିୟତା ପ୍ରତି ଭୋଟର କେତେ ଆକର୍ଷିତ ହେଉଛନ୍ତି ତାହା କହିବା ଅନେକଙ୍କ ପାଇଁ କଷ୍ଟକର ହୋଇଛି। ଏଭଳିସ୍ଥଳେ ରାଜ୍ୟର ସବୁ ଲୋକ ସଭା ଆସନ ଏବଂ ଅନେକ ବିଧାନସଭା ଆସନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଥିବାରୁ ଉଭୟ ଦଳ ପାଇଁ ସମ୍ମାନର ବାଜି ଲାଗିଛି। ଯାଜପୁର ଜିଲା କଥା ଦେଖିଲେ ଏଥର ଯାଜପୁର, କୋରେଇ, ବଡ଼ଚଣା ଓ ବରୀ ଆସନରେ ଯେଭଳି ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ସେଥିରୁ ଉଭୟ ଦଳ ମଧ୍ୟରୁ କେହି ବି ସଫଳତା ପାଇପାରନ୍ତି ଏବଂ ହାରଜିତ୍‌ର ବ୍ୟବଧାନ କମ୍ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

## ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ


ଗୌତମ ରାୟ


ସୁଜାତା ସାହୁ

ଯାଜପୁର ଜିଲାର ପ୍ରମୁଖ ନେତା ଭାବେ ପରିଚିତ ବବି ଏବେ ସମ୍ବଲପୁରରେ ନିଜ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ହେଲେ ଯାଜପୁର ଜିଲାର ପ୍ରତ୍ୟେକ ଆସନରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ବବିଙ୍କ ପାଇଁ ସମ୍ମାନର ବିଷୟ ବୋଲି ଅନେକେ ମତ ଦେଉଛନ୍ତି। ସମ୍ପ୍ରତି ସବୁ ଦଳର ପ୍ରାର୍ଥୀ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବବି ବିଭିନ୍ନ ସମୟରେ ଯାଜପୁର ଆସି ଯାଜପୁର ବିଧାନସଭା ପ୍ରାର୍ଥୀ ସୁଜାତା ଏବଂ କୋରେଇ ପ୍ରାର୍ଥୀ ତଥା ତାଙ୍କ ମା' ସନ୍ଧ୍ୟାରାଣୀ ଦାସଙ୍କ ପାଇଁ ପ୍ରଚାର କରୁଛନ୍ତି। ତାଙ୍କ ପରିବାରବର୍ଗ ଉଭୟ କୋରେଇ ଓ ଯାଜପୁରର ପ୍ରଚାର ଭାର ସମ୍ଭାଳିଥିବା ଦେଖିବାକୁ ମିଳିଛି। ବବି ନିଜର କର୍ମୀଙ୍କ ଉପରେ ଭରସା କରି କୋରେଇ ଓ ଯାଜପୁରରେ ନିର୍ବାଚନୀ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି। ଏପଟେ ଗୌତମ ଦୁର୍ନୀତିମୁକ୍ତ ଶାସନ ସହ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମର ବିକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇ ଭୋଟରଙ୍କୁ ମନାଇବାରେ ଲାଗିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଓମ୍ ଜୟପ୍ରକାଶ



@ ପାର୍ଥସାରଥି


@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଦି ଶଙ୍କରାଚାର୍ଯ୍ୟ ଜାତୀୟ ଚେତନାର ପ୍ରତୀକ


ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥି।

## ଭାଗବତ ସେବାଶ୍ରମରେ ଅଖିଳ ଚକ୍ରର ପ୍ରତିଷ୍ଠା ଦିବସ

**ପ୍ରୀତିପୁର,୧୪।୫(ସୁଶାନ୍ତ ବେହୁରିଆ):**

ବିଂଝାରପୁରସ୍ଥ ଭାଗବତ ସେବାଶ୍ରମଠାରେ ଅଖିଳଚକ୍ରର ପ୍ରତିଷ୍ଠା ଦିବସ ଓ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ଅନୁଷ୍ଠାନର ଉପସଭାପତି ସୁରେନ୍ଦ୍ର କୁମାର ପତିଙ୍କ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଆଦି ଶଙ୍କରାଚାର୍ଯ୍ୟ ଜଣେ ମହାନ ଭାରତୀୟ ଦାର୍ଶନିକ ଓ ଜାତୀୟ ଚେତନାର ପ୍ରତୀକ ଥିଲେ। ସେ ସମଗ୍ର ଭାରତ ବର୍ଷକୁ ଶାନ୍ତି ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ ଭାରତର ଚାରିକୋଣରେ ଚାରି ମଠ (ଧାମ) ସ୍ଥାପନ କରି ବେଦର ପ୍ରଚାର ପ୍ରସାର ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ବେଦ,ବେଦାନ୍ତ ଓ ଉପନିଷଦର ସେ ଥିଲେ ଆଦ୍ୟ ଭାଷ୍ୟକାର ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଗୌରାଙ୍ଗ ଚରଣ ପରିଡ଼ା ଯୋଗ ଦେଇ କହିଲେ, ପୂଣ୍ୟ ଭୂମି ଭାରତରେ ଅଧିକାଂଶ ମହାମନୀଷୀ ଓ ଅବତାର ମାନେ ଆବିର୍ଭୂତ ହୋଇଥିଲେ । ସେମାନେ ଭାରତର ଜାତୀୟ ଚେତନା। ଏହି ଅବସରରେ ସେ ଅନୁଷ୍ଠାନର କେନ୍ଦ୍ରୀୟ ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଆନନ୍ଦମୟୀ ଶିଶୁ ନିକେତନର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଯୋଗ ଦେଇ ବୌଦ୍ଧ ଧର୍ମର ଆବିର୍ଭାବ ଓ ଏହାର ପ୍ରସାର ସମ୍ପର୍କରେ କହିବା ସହିତ ବେଦ ଏକ ପୂର୍ଣ୍ଣାଙ୍ଗ ଜ୍ଞାନର ଗନ୍ତାଘର ବୋଲି କହିଥିଲେ। ଏମାନଙ୍କ ବ୍ୟତୀତ ଶିକ୍ଷାବିତ୍ ପୀତାମ୍ବର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ଖୁଣ୍ଟିଆ, ପ୍ରଧାନ ଆଚାର୍ଯ୍ୟ ନୀଳାଦ୍ରୀ ଷଡ଼ଙ୍ଗୀ, ସତସଙ୍ଗୀ ବିଶ୍ୱନାଥ ଆଚାର୍ଯ୍ୟ, ସଦସ୍ୟ ଅଜୟ କୁମାର ମଲିକ, ଗୋବର୍ଦ୍ଧନ ସାହୁ, ସୁରେନ୍ଦ୍ର କୁମାର ନାୟକ, ଜନ୍ମେଜୟ ପଣ୍ଡା, ବିଦ୍ୟାଧର ବିନ୍ଧାଣୀ ପ୍ରମୁଖ ଭାରତର ମହନୀୟ ପରମ୍ପରା ଓ ସଂସ୍କୃତି ପୃଥିବୀରେ ବିରଳ ବୋଲି କହିଥିଲେ। ଏବେ ବି ଭାରତୀୟମାନେ ପ୍ରାଚୀନ ବେଦ, ଉପନିଷଦ, ତଥା ସଂସ୍କୃତ ଭାଷା ସମ୍ପର୍କରେ ଏବଂ ଆଦି ଶଙ୍କରାଚାର୍ଯ୍ୟଙ୍କ ଅବଦାନ ସମ୍ପର୍କରେ ଅଜ୍ଞ ଥିବାରୁ ଏହାର ବ୍ୟାପକ ଆଲୋଚନା ଓ ପ୍ରଚାରର ଆବଶ୍ୟକତା ରହିଥିବା ବକ୍ତାମାନେ କହିଥିଲେ। ସଭାପତି ସୁରେନ୍ଦ୍ର ପତି ତାଙ୍କ ଅଭିଭାଷଣରେ କହିଲେ ସମଗ୍ର ପୃଥିବୀର ବୁଦ୍ଧିଜୀବୀମାନେ ଭାରତୀୟ ଦର୍ଶନ ବେଦକୁ ଆଦର ସହକାରେ ଅଧ୍ୟୟନ କରୁଥିବା ବେଳେ ଭାରତୀୟମାନେ ଏଥିପ୍ରତି ଉଦାସୀନ। ସେଥିପାଇଁ ସେ କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ ଆଶ୍ରମର ଅନ୍ୟତମ ପରିଚାଳକ ମନୋଜ କୁମାର ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀରେ ଉପୁଡ଼ିଲା ଗଛ, ଛିଡ଼ିଲା ବିଦ୍ୟୁତ୍ ତାର

**କାଳିଆପାଣି,୧୪।୫(ଅସିତ ମହାନ୍ତ):**

ସୁକିନ୍ଦା ବ୍ଲକ୍ ଅଧୀନ ଟମକା-ମଙ୍ଗଳପୁର ରାସ୍ତାର କାଙ୍କଡ଼ପାଳ ଓ ଦାମୋଦରପୁରଠାରେ କାଳବୈଶାଖୀ ତାଣ୍ଡବରେ ବହୁ ଗଛ ଉପୁଡ଼ି ପଡ଼ିଛି। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ସୋମବାର ଅପରାହ୍ନରେ ଝଡ଼ ବର୍ଷା ସହ ପବନ ହେବାରୁ ରାସ୍ତା କଡ଼ ଓ ବାଡ଼ି ବଗିଚାରେ ଥିବା ଗଛଗୁଡ଼ିକ ଉପୁଡ଼ି ପଡ଼ିଯାଇଥିଲା। ଅନେକ ବିଦ୍ୟୁତ୍ ତାର ମଧ୍ୟ ଛିଡ଼ି ପଡ଼ିଥିଲା। ଫଳରେ କୁହିକାଠାରୁ କଲରଙ୍ଗି ପର୍ଯ୍ୟନ୍ତ ଅନ୍ଧାର ହୋଇଥିଲା। ମଙ୍ଗଳବାର ଗଛ କଟାଯାଇ ରାସ୍ତା ସଫା କରାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ସେହିପରି ବିଦ୍ୟୁତ୍ ବିଭାଗ ପକ୍ଷରୁ ତାର ଟଣାଯିବା ପରେ ବିଦ୍ୟୁତ୍ ସରାବରାହ ସ୍ୱାଭାବିକ ହୋଇଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ନାବାଳିକା ଗୁରୁତର

**ଔପଦା, ୧୪।୫(ଧରିତ୍ରୀ ପଣ୍ଡା)**

ଔପଦା ବ୍ଲକ ତଳକିଆ ଗ୍ରାମର ଗଙ୍ଗାଧର ବେହେରାଙ୍କ ୧୩ ବର୍ଷର ଝିଅ ଗାୟତ୍ରୀ ମଙ୍ଗଳବାର ସକାଳେ ଛେଳି ଖୋଜିବାକୁ ଯାଇ କେନାଲ କାମର ମାଟିହୁଡ଼ାକୁ ଚଢ଼ିଯିବାରୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ନାବାଳିକାଙ୍କ କପାଳ ଓ ବାମ କାନ୍ଧ ପାଖ ପୋଡ଼ିଯାଇଥିବାରୁ ପ୍ରଥମେ ଔପଦା ଓ ସୋର ଡାକ୍ତରଖାନାରେ ଚିକିତ୍ସା ପରେ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କେନାଲ ଓ ବିଦ୍ୟୁତ ବିଭାଗ ଦାୟିତ୍ୱହୀନତା ପାଇଁ ଏହିପରି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି। କେନାଲ ବିଭାଗ ଏସ୍‌ଡ଼ିଓ ତପନ କୁମାର ଜେନାଙ୍କୁ ଘଟଣା ସମ୍ପର୍କରେ ଯୋଗାଯୋଗ କରିବାରୁ ଝିଅଟି ମାଟି ଉପରକୁ ଉଠିବା ପୂର୍ବରୁ ଲକ୍ଷ୍ୟ କରିଥିଲେ, ଏପରି ଘଟଣା ଘଟି ନ ଥାନ୍ତା ବୋଲି କହିଛନ୍ତି। ଟାଟା ପାୱାର ଯନ୍ତ୍ରୀ ଶୁକଦେବ ସାହୁଙ୍କୁ ପଚାରିବାରୁ କେନାଲ ବିଭାଗ ଖୁଣ୍ଟ ନିକଟ ଏବଂ ବିଦ୍ୟୁତ ତାର ଅତିକ୍ରମ କରିଥିବା ସ୍ଥାନରେ ମାଟି ଜମା ରଖିବା ସମ୍ପର୍କରେ ଆମ ବିଭାଗକୁ କୌଣସି ସୂଚନା ନ ଦେବା ଏହା ଦୁର୍ଭାଗ୍ୟଜନକ ଏଥିପାଇଁ ବିଭାଗ ପକ୍ଷରୁ ତାଙ୍କୁ ପତ୍ର ଦିଆଯିବ ବୋଲି କହିଛନ୍ତି।

# ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କଲେ ପ୍ରଣବ


ଧର୍ମଶାଳା ବିଜେଡି ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି।

**ଧର୍ମଶାଳା,୧୪।୫(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ସୋମବାର ଏକ ବାଇକ୍ ଶୋଭଯାତ୍ରାରେ ଯାଇ ନାମାନାଙ୍କନପତ୍ର ଦାଖଲ କରିଛନ୍ତି। ସେ ନାମାଙ୍କନପତ୍ର ଦାଖଲ ପାଇଁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ସକାଳ ୯ରେ ବାହାରିଥିଲେ। ଜାରକାସ୍ଥିତ ଦଳ କାର୍ଯ୍ୟାଳୟରୁ ନିର୍ବାଚନମଣ୍ଡଳୀ ଅଧୀନ ୫୪ ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକଙ୍କୁ ନେଇ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାରେ ଏଭଳି ଭିଡ଼ ହୋଇଥିଲା ଯେ କିଛି ଲୋକ ଯାଇ ନ ପାରି ବିଧାୟକଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ସ୍ଥାନେସ୍ଥାନେ ସାଧାରଣ ଜନତା, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଓ ଅନେକ ବ୍ୟକ୍ତି ବିଶେଷ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱତଃପ୍ରବୃତ ଭାବରେ ଯୁବ, ଛାତ୍ର, ମହିଳା ଓ ବରିଷ୍ଠ ନାଗରିକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ସାମିଲ ହେଲେ ୩୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ**

# ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଆହ୍ୱାନ


ବୈଠକରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ଓ ଅନ୍ୟ ଅଧିକାରୀମାନେ।

**ଯାଜପୁର,୧୧।୫(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାରେ ଆସନ୍ତା ଜୁନ ୧ ତାରିଖ ନିର୍ବାଚନକୁ ନେଇ ଜିଲାପାଳ ନିଖିଲ ପୱନ କଲ୍ୟାଣ ନାମାଙ୍କନ କରିଥିବା ପ୍ରାର୍ଥୀମାନଙ୍କ ସୂଚନା ଦେବା ସହ ବୁଧବାରଠାରୁ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥି ସହିତ ଗଣମାଧ୍ୟମର ସହଯୋଗରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରାଯାଇ ପାରିବ ବୋଲି କହିଥିଲେ। କିପରି ଜିଲାର ସାଧାରଣ ଜନତା ନିର୍ବାଚନ ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ ସେ ନେଇ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମତ ରଖିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପ ଜିଲାପାଳ ମନୋରମା ଜାଲି, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ଅଙ୍କେଶ୍ୱର ଅମାତଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଯାଜପୁର ଜିଲାରେ ଶେଷ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଥିଲା।

# ଜିଲା ବିକାଶରେ ବାଧକ ଜବରଦଖଲ

**କେନ୍ଦ୍ରାପଡ଼ା, ୧୪।୫ (ଜଗନ୍ନାଥ ଧଳ)**

- ଗୋଚର, ପାଣିନାଳ ମଧ ବାଦ୍ ପଡୁନି
- ଅନୁପ୍ରବେଶକାରୀଙ୍କ ଦଖଲରେ ଉପାନ୍ତ ଜଙ୍ଗଲ ଜମି
- ଅଭିଯୋଗ ହେଉଛି, କାର୍ଯ୍ୟାନୁଷ୍ଠାନ ନାହିଁ

କେନ୍ଦ୍ରାପଡ଼ା ସହର ରାସ୍ତାରେ ସର୍ବଦା ଟ୍ରାଫିକ ଜାମ୍। ପାଣିନାଳ ଉପରେ ଘର। ବର୍ଷା ହେଲେ ସହରର ୧୨ଟି ୱାର୍ଡବାସୀଙ୍କ ଘରେ ପାଣି ପଶୁଛି। ମାତ୍ର ୫ବର୍ଷ ପୂର୍ବରୁ ସହର ମଧ୍ୟରେ ୨୪ଟି ପୋଖରୀ ଥିବା ବେଳେ ଏବେ ମାତ୍ର ୬ଟିର କେବଳ ଚିହ୍ନ ରହିଛି। ଗୋବରୀ ନଦୀପଠାରେ ଗୋଟିଏ ପରେ ଗୋଟିଏ କୋଠା ନିର୍ମାଣ ହେଉଛି। ଜବରଦଖଲର ଏହି ଚିତ୍ର କେବଳ ସହର ମଧ୍ୟରେ ସୀମିତ ନାହିଁ। ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ମହାକାଳପଡ଼ା, ରାଜନଗର, ରାଜକନିକା ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀ ଭର୍ତ୍ତି ହୋଇଗଲେଣି। ଜାତୀୟ ଉଦ୍ୟାନ ଭିତରକନିକା ଏଥିରୁ ବାଦ୍ ପଡ଼ିନାହିଁ। ଜଙ୍ଗଲ ଜମିକୁ ଜବରଦଖଲ କରି ଘର ସହ ଚିଙ୍ଗୁଡି ଘେରି କରୁଛନ୍ତି। ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟଜଳ ଚାଷ ଓ ଜଙ୍ଗଲକୁ ନଷ୍ଟ କରୁଛି। ଏ ନେଇ ଅଭିଯୋଗ ହେଲେ ମଧ୍ୟ ସରକାରୀ କଳ ନୀରବ ରହୁଛି। ଜବରଦଖଲ ଏବେ ଜିଲାର ମୁଖ୍ୟ ସମସ୍ୟା ହୋଇଛି। ଏହାଦ୍ୱାରା ଜିଲା ବିକାଶରେ ବାଧା ସୃଷ୍ଟି ହେଉଥିବା ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ଖଡ଼ିଅଙ୍ଗସ୍ଥ କ୍ଷିତୀଶ କୁମାର ସିଂହ କହିଛନ୍ତି, ସହର ମଧ୍ୟରେ ଜବରଦଖଲ ଏକ ସମସ୍ୟା ହୋଇଛି। ଗୋବରୀ ନଦୀପଠା ଏବେ ଜବରଦଖଲକାରୀଙ୍କ ନିକଟକୁ ଚାଲିଯାଇଛି। ଫଳରେ ବର୍ଷାଋତୁରେ ନଦୀରେ ଜଳ ପ୍ରବାହ ଠିକ୍ ରହୁନାହିଁ। ସେହିପରି କନିଆ ଯୋରରେ ଥିବା ପାଣିନାଳ ଉପରେ ଘର ହୋଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଏହି ସମସ୍ୟା ଗୋଟିଏ ସ୍ଥାନରେ ନାହିଁ। ପୌରାଞ୍ଚଳରେ ଥିବା ପ୍ରତ୍ୟେକ ନାଳ ଉପରେ ଘର ନିର୍ମାଣ ହେଉଛି। ଏପରିକି ରାସ୍ତା ଉପରକୁ ଘର ନିର୍ମାଣ ହେଉଥିବାରୁ ସର୍ବଦା ଟ୍ରାଫିକ୍ ଜାମ୍ ରହୁଛି। ଏ ନେଇ ପୌର ଅଧିକାରୀଙ୍କ ସମେତ ଜିଲାପାଳଙ୍କୁ ସ୍ଥାନୀୟ ଲୋକେ ଅବଗତ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ସ୍ୱେରେଜ ସିଷ୍ଟମ, ଟ୍ରାଫିକ୍ ବ୍ୟବସ୍ଥା, ବିଦ୍ୟୁତୀକରଣ ଓ ସହରର ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି ହୋଇଛି। ରାଜନଗରର ହରିହର ସାହୁ, ମହାକାଳପଡ଼ାର ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅମିତାଭ ଚାନ୍ଦ ପ୍ରମୁଖ କହିଛନ୍ତି, ଉପାନ୍ତ ଅଞ୍ଚଳ ଏବେ ଜବରଦଖଲକାରୀଙ୍କ ହାତରେ ରହିଛି। ଭୂମିହୀନ ଦର୍ଶାଇ ଅଥବା କୁଜଙ୍ଗ ରାଜାଙ୍କ ମିଛ ହାତପଟ୍ଟା ଦ୍ୱାରା ଜଙ୍ଗଲ ଜମିକୁ ଜବରଦଖଲ କରାଯାଉଛି। ଏପରି ଘଟଣା ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ବେଶି ଦେଖିବାକୁ ମିଳୁଛି। ପେଟଛେଲାଠାରୁ ରଙ୍ଗଣୀ ପର୍ଯ୍ୟନ୍ତ ଅନୁପ୍ରବେଶକାରୀ ଏହାର ଫାଇଦା ନେଉଛନ୍ତି। ଏହି ଅବସ୍ଥା ରାଜନଗର, ରାଜକନିକା, ଆଳି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳୁଛି। କେବଳ ଜବରଦଖଲ ସମସ୍ୟାକୁ ନେଇ ଗତ ୨ ମାସରେ ୧୬ଟି ମାମଲା ସ୍ଥାନୀୟ ଥାନାଗୁଡ଼ିକରେ ହୋଇଛି। ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିରରେ ଏପରି ବହୁ ମାମଲା ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଚିଙ୍ଗୁଡ଼ି ଘେରି ପାଇଁ ସମୁଦ୍ର ତଟାଞ୍ଚଳର ଜଙ୍ଗଲ ଜମି ଜବରଦଖଲ ହେଉଛି। ଉଚ୍ଚ ନ୍ୟାୟାଳୟରେ ଏହି ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଜବରଦଖଲ ହଟାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଏହି କାରଣ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରୁ ୨୦୧୭ରେ ବାଦ୍ ପଡ଼ିଥିଲେ ମଧ୍ୟ ପ୍ରଶାସନ ଓ ରାଜନେତାମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ନିକଟରେ ରାଜକନିକା, ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର କେତେଗୋଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବେଆଇନ ଭାବେ ହୋଇଥିବା ଚିଙ୍ଗୁଡ଼ି ଘେରିକୁ ଭଙ୍ଗାଯାଇଛି। ଏହା ବ୍ୟତୀତ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ ହେଉଛି। ସହର ମଧ୍ୟରେ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଯୋଜନା ରହିଥିବା ସେ କହିଛନ୍ତି।


ତଳଚୁଆଠାରେ ନାଳ ଉପରେ ବେଆଇନ ଭାବେ କରାଯାଇଥିବା ନିର୍ମାଣ।

# ଶପଥଗ୍ରହଣ ଦିନ ମୁଖ୍ୟମନ୍ତ୍ରୀ ବିଦ୍ୟୁତ୍ ବିଲ୍ ଛାଡ଼ ପାଇଁ ଦସ୍ତଖତ କରିବେ: ପାଣ୍ଡିଆନ




କଣ୍ଟିଲୋ ପଲଟନ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି ।

ଖଣ୍ଡପଡ଼ା,୧୪।୫(ଅଜୟ କୁମାର ମହାରଣା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟାରେ ଷଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଶପଥଗ୍ରହଣ ପରେ ସେ ପ୍ରଥମେ ବିଦ୍ୟୁତ୍ ବିଲକୁ ଛାଡ କରିବାକୁ ଦସ୍ତଖତ କରିବେ । ଏହାଦ୍ୱାରା ରାଜ୍ୟର ୯୦ ପ୍ରତିଶତ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ।

ମଙ୍ଗଳବାର ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ କଣ୍ଟିଲୋ ପଲଟନପଡ଼ିଆରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ପାଣ୍ଡିଆନ ବିରୋଧୀଙ୍କୁ ସମାଲୋଚନା କରିବା ସହିତ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ପୂର୍ବାହ୍ନ ୧୧ଟାରେ ପାଣ୍ଡିଆନ ସଭାସ୍ଥଳରେ ପହଞ୍ଚିବା ପରେ ଉପସ୍ଥିତ ଲୋକମାନଙ୍କ ସହିତ ବିଜେଡି କର୍ମୀ, ନେତାମାନଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଥିଲା । ଲୋକମାନଙ୍କ ଉତ୍ସାହକୁ ଦେଖି ପାଣ୍ଡିଆନ୍ କହିଥିଲେ, ଆପଣଙ୍କ ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ସବୁ କରିବେ, ଆପଣମାନେ ଆଶୀର୍ବାଦ କରନ୍ତୁ। ଯୋଡ଼ି ଶଙ୍ଖରେ ଭୋଟ ଦେଇ ରାଜ୍ୟରେ ନବୀନ ଇଞ୍ଜିନ ଚାଲିବା ପାଇଁ ପଥ ପରିଷ୍କାର କରନ୍ତୁ । ଏଥିସହିତ ବିଧାୟିକା ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ଯୋଡ଼ି ଶଙ୍ଖରେ ଭୋଟଦେଇ ବିଜୟୀ କରିବା ପାଇଁ ପାଣ୍ଡିଆନ ନିବେଦନ କରିଥିଲେ । ଏହି ଅବସରରେ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବର୍ଣ୍ଣନା କରିବା ସହ ଦଳର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଆୟୋଜିତ ସଭାରେ ବିଧାୟିକା ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ ଓ କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ବିଜେଡିର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଭୋଟ ଭିକ୍ଷା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୭ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ, ମହିଳା ଓ ଜନସାଧାରଣ ଯୋଗଦେଇଥିଲେ। ପ୍ରାରମ୍ଭରେ ଆୟୋଜିତ ନାଚ ଗୀତକୁ ଉପସ୍ଥିତ ଜନସାଧାରଣ ଉପଭୋଗ କରିଥିଲେ ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଓମ୍ ଜୟପ୍ରକାଶ



@ ପାର୍ଥସାରଥୀ



@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁଇ କଂସାବାସନ ଚୋର ଜେଲ ଗଲେ

### ସିସିଟିଭି ଫୁଟେଜରୁ ଧରାପଡିଥିଲେ

ନୟାଗଡ଼,୧୪।୫(ଲୋକନାଥ ମିଶ୍ର):

ନୟାଗଡ଼ ଟାଉନ ଥାନା ପୋଲିସ ଦୁଇ କଂସାବସନ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଚମ୍ପତିପୁର ଗାଁର ବ୍ରହ୍ମାନନ୍ଦ ନାୟକ(୨୭) ଓ ଜିତେନ୍ଦ୍ର ଲେଙ୍କାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁଯାୟୀ, ଚମ୍ପତିପୁର ଜଗନ୍ନାଥସାହିର ପ୍ରଫୁଲ୍ଲ କୁମାର ବେହେରା କିଛି ଦିନ ବାହାରକୁ ଯାଇଥିଲେ । ଗତ ୧୦ ତାରିଖରେ ଘରକୁ ଫେରିବା ପରେ ଦେଖିଲେ ଘରୁ କଂସାବାସନ ପରି କିଛି ଘର ଉପକରଣ ଚୋରି ହୋଇଛି । ଚୋରି ସମ୍ପର୍କରେ ପ୍ରଫୁଲ୍ଲ ଇଟାମାଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତରେ ସିଟିଭି ଫୁଟେଜ ସହଯୋଗ କରିଥିଲା । ଚୋରଙ୍କ କାରନାମା ସିସିଟିଭିରେ କଏଦ୍ ହୋଇ ରହିଥିଲା । ସିସଟିଭିକୁ ଯାଞ୍ଚ କଲା ପରେ ୩ ଚୋର ଚୋରିରେ ସଂପୃକ୍ତ ରହିଥିବା ଜଣାପଡିଥିଲା। ବ୍ରହ୍ମାନନ୍ଦ ଓ ଜିତେନ୍ଦ୍ରଙ୍କୁ ପୋଲିସ ଗିରଫ କରିଥିବାବେଳେ ସୁମନ ସାହୁ ଫେରାର ଅଛନ୍ତି । ପୋଲିସ ଚୋରି କଂସାବାସନ ଜବତ କରିଛି ।

## ବନବାସ ଗଲେ ଶ୍ରୀରାମ, ଲକ୍ଷ୍ମଣ, ସୀତା



ଖଣ୍ଡପଡ଼ା,୧୪।୫
(ଅଜୟ କୁମାର ମହାରଣା)

### ବାପୁଜୀ ନଗର ରାମଲୀଳା

କଣ୍ଟିଲୋ ବାପୁଜୀ ନଗର କଂସାରୀ ସାହି ପାଟଣା ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳାର ସୋମବାର ଥିଲା ତୃତୀୟ ମଞ୍ଚସ୍ଥ ନାଟକ 'ପର୍ଶୁରାମ ଭେଟ, ମନ୍ଥରା ଗମନ ଓ ରାମ ବନବାସ' । ପୁରାଣର କଥା ବସ୍ତୁକୁ ଆଧାର କରି ଜନକଙ୍କ ସର୍ତ୍ତ ଅନୁସାରେ ଶିବଧନୁ ଭାଙ୍ଗି ରାମଚନ୍ଦ୍ର ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିଲେ । ଫେରିବା ବାଟରେ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ବୀର ଭାବେ ଗର୍ବ କରୁଥିବା ପର୍ଶୁରାମଙ୍କ ସହ ରାମଚନ୍ଦ୍ରଙ୍କ ଭେଟ ହୋଇଥିଲା । ନିଜ ହାତରେ ଧାରଣ କରିଥିବା ଶିବ ଧନୁକୁ ଅନ୍ୟ କେହି ଉଠାଇପାରିବେ ନାହିଁ ବୋଲି ମନେ କରୁଥିବା ପର୍ଶୁରାମ ରାମଚନ୍ଦ୍ରଙ୍କୁ ସେହି ଧନୁକୁ ଧାରଣ କରିବାକୁ ବାଧ କରିଥିଲେ । ତେବେ ରାମଚନ୍ଦ୍ର ପର୍ଶୁରାମଙ୍କ ଧନୁକୁ ଉଠାଇ ଧାରଣ କରିବା ପରେ ପର୍ଶୁରାମଙ୍କ ଗର୍ବ ଖଣ୍ଡନ ହୋଇଥିଲା । ଇତିମଧ୍ୟରେ ଅଯୋଧ୍ୟା ରାଜବାଟିରେ ମନ୍ଥରା ଦାସୀଙ୍କ କୁମନ୍ତ୍ରଣା କ୍ରମେ ରାଣୀ କୈକେୟୀ ଦଶରଥଙ୍କ ନିକଟରୁ ୨ଟି ବର ମାଗି ନେଇଥିଲେ । ସେଥି ମଧ୍ୟରୁ ପ୍ରଥମ ବର ଅନୁଯାୟୀ ଭରତ ଅଯୋଧ୍ୟାରେ ରାଜା ହେବା ସହ ରାମଙ୍କୁ ୧୪ ବର୍ଷ ବନବାସ ଯିବାକୁ ହେବ । ରାମଚନ୍ଦ୍ର ପିତୃ ସତ୍ୟ ପାଳନ କରି ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ଯାଇଥିଲେ । ମଞ୍ଚସ୍ଥ ଏହି ନାଟକ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା । ମଞ୍ଚସ୍ଥ ନାଟକରେ ରାମ, ଲକ୍ଷ୍ମଣ, ସୀତା ଭୂମିକାରେ ଯଥାକ୍ରମେ ସୁରଜ ସାହୁ, ଅସିତ ମହାରଣା, ଅମିତ ସାହୁ ଅଭିନୟ କରିଥିଲେ । ସେହିପରି ପର୍ଶୁରାମ, ମନ୍ଥରା, ଜନକ, ଦଶରଥ, କୈକେୟୀ ଓ ବିଶ୍ୱାମିତ୍ର ଭୂମିକାରେ ଯଥାକ୍ରମେ ତାପସ କୁମାର ସାହୁ, ଦିପୁ ରଞ୍ଜନ ସାହୁ, ଭିକାରୀ ଚରଣ ସାହୁ, ଶରତ ଚନ୍ଦ୍ର ସାହୁ, ହାପି ସାହୁ ଓ ବିଭୁତି ଭୂଷଣ ସାହୁ ପ୍ରମୁଖ ନାଟକ ପରିବେଷଣ କରିଥିଲେ ।

## କାର ସହିତ ଅଟୋରିକ୍ସା ଧକ୍କା, ୬ ଗୁରୁତର

ରଣପୁର,୧୪।୫(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଦାଣ୍ଡସାହିର ମୁଖ୍ୟ ରାସ୍ତାରେ ମଙ୍ଗଳବାର ସକାଳେ ଏକ କାର ସହିତ ଅଟୋରିକ୍ସାର ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୨ ମହିଳାଙ୍କ ସହିତ ୬ଜଣ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

ସୂଚନା ଅନୁଯାୟୀ,ଏକ କାର(ନଂ.ସିଜି୧୦ଏକେ୨୦୭୯) ଖୋର୍ଦ୍ଧା ଜିଲା ବେଗୁନିଆରୁ ପୁରୀ ଅଭିମୁଖେ ଯାଉଥିଲା । ରଣପୁର ଦାଣ୍ଡ ସାହିର ମୁଖ୍ୟ ରାସ୍ତାରେ ହଠାତ୍ ଏକ ଅଟୋରିକ୍ସା(ନଂ. ଓଡି ୦୨ବି କେ ୮୦୩୯) ଦ୍ରୁତଗତିରେ ଆସି କାରକୁ ଧକ୍କା ଦେଇଥିଲା । ଫଳରେ ଅଟୋରିକ୍ସାରେ ଥିବା ଦୁର୍ଯ୍ୟୋଧନ ରାଉତ,ଦୁଃଶାସନ ରାଉତ,ଯମୁନା ଦାସ,ବିନ ରାଉତ,କାର୍ତ୍ତିକ ଦଳାଇ, କଲ୍ୟାଣୀ ମହାପାତ୍ର ପ୍ରମୁଖ ଗୁରୁତର ହୋଇଛନ୍ତି । ଅଟୋରିକ୍ସାରେ ଥିବା ଯାତ୍ରୀମାନେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଜଣେ ମହିଳାଙ୍କ ଉପରେ କାର ଚଢ଼ି ଯାଇଥିଲା । ସ୍ଥାନୀୟ ଲୋକମାନେ ତାଙ୍କୁ କାର ତଳୁ ଉଦ୍ଧାର କରିଥିଲେ । ରଣପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି । କାର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି । ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

## ଶୃଙ୍ଖଳିତ ନିର୍ବାଚନ ପାଇଁ ପୋଲିସ ଯାଞ୍ଚ କଡାକଡି

ଖଣ୍ଡପଡ଼ା,୧୪।୫(ଅଜୟ କୁମାର ମହାରଣା)–ଖଣ୍ଡପଡ଼ା ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି। ମତଦାତାମାନେ କିଭଳି ଭୋଟ ଗ୍ରହଣ କେନ୍ଦ୍ରରେ ନିର୍ଭୟରେ ମତଦାନ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସେହିପରି ୱାରେଣ୍ଟ ବଳରେ ଅପରାଧୀମାନଙ୍କୁ ଧରପଗଡ଼ ନିମନ୍ତେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଅଭିଯାନକୁ ଜୋରଦାର କରାଯାଇଛି । ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ ବିଭିନ୍ନ ସ୍ଥାନରେ କଡାକଡି କରାଯାଇଥିବା ଖଣ୍ଡପଡ଼ା ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ଏସ୍‌ଡିପିଓ ବିମଳ କୁମାର ବାରିକ କହିଛନ୍ତି । ରାତିରେ ଖଣ୍ଡପଡ଼ା ଥାନା ଓ କଣ୍ଟିଲୋ ଫାଣ୍ଡି ଅଞ୍ଚଳ ଦେଇ ଯାତାୟତ କରୁଥିବା ସମସ୍ତ ଯାନବାହନକୁ ରୋକାଯାଇ ଯାଞ୍ଚ କରାଯାଉଛି । ମାଦକଦ୍ରବ୍ୟର ଚୋରା ଚାଲାଣ ଓ ବେଆଇନ ଟଙ୍କା କାରବାର ପ୍ରତି ନଜର ରଖାଯାଇଥିବା ନେଇ ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି ।

## ବେଆଇନ ମାଙ୍କଡା ପଥର ଚାଲାଣକୁ ସୁରକ୍ଷା

### ଚାନ୍ଦା ଦେଲେ ଧରପଗଡ଼ ମନା

- ଆସୋସିଏଶନ ଧାର୍ଯ୍ୟ କଲା ଦର
- ଟ୍ରାକ୍ଟର ପାଇଁ ବର୍ଷକୁ ୧୨ ହଜାର
- ଭାଇରାଲ ହେଉଛି ଖଣି ଗୁମର

ନୟାଗଡ଼,୧୪।୫(ଲୋକନାଥ ମିଶ୍ର):

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ କୋମଣ୍ଡରେ ବେଆଇନ ପଥରଖଣି ଖନନ ବଢ଼ି ଚାଲିଥିଲେ ମଧ୍ୟ ଧରପଗଡ କି ଚଢ଼ାଉ ନାହିଁ । ବରଂ ବେଆଇନ ଖନନକୁ ସୁରକ୍ଷା ଦିଆଚାଲିଛି ବୋଲି ଅଭିଯୋଗ ହୋଇ ଆସୁଛି। ଏଭଳିସ୍ଥଳେ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣର ସୁରକ୍ଷା ପାଇଁ ଆସୋସିଏଶନ ଆଗେଇ ଆସିଛି । ବର୍ଷକୁ ଗୋଟିଏ ଟ୍ରାକ୍ଟର ପିଛା ୧୨ ହଜାର ଟଙ୍କା ଚାନ୍ଦା ଦେଲେ ଚଢ଼ାଉ କି ଧରପଗଡ଼ ହେବନି ବୋଲି ଆସୋସିଏଶନ ପ୍ରତିଶ୍ରୁତି ଦେବା ପରେ ଚାନ୍ଦା ଆଦାୟ ଚାଲିଛି । ଏଭଳି ସ୍ଥଳେ ଖଣି ଗୁମର କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସମାଲୋଚନା ଚାଲିଛି । ଏନେଇ ଜଣେ ଖଣିଜ ଚାଲାଣକାରୀ କହିଛନ୍ତି ଗୋଟିଏ ଟ୍ରାକ୍ଟର ପିଛା ମାସକୁ ୧ ହଜାର ଟଙ୍କା ପଡୁଛି । ବହୁ ଟ୍ରାକ୍ଟର ମାଲିକ ଟଙ୍କା ଦେଲେଣି । ବେଆଇନ ଚାଲାଣକୁ ସୁରକ୍ଷା ଦେବାକୁ ହେଲେ କିଛି ତ ଖର୍ଚ୍ଚ କରିବାକୁ ପଡିବ । ସଂପୃକ୍ତ ଟଙ୍କା ରାଜସ୍ୱ କର୍ମଚାରୀ, ପୋଲିସ ଓ ରାଜନେତାଙ୍କୁ ପ୍ରଦାନ କରାଯାଉଛି । ଚାନ୍ଦା ଦେଲା ପରେ ଆମ ବ୍ୟବସାୟ ଭଲରେ ଚାଲିଛି ବୋଲି ସେ କହିଛନ୍ତି ।

**ବଢ଼ିଲା ପଥର ଦର:** କୋମଣ୍ଡ ମାଙ୍କଡା ପଥର ଦର ବଢ଼ିବାରେ ଲାଗିଛି । ୧୦୦ ଖଣ୍ଡ ପଥରକୁ ଟ୍ରାକ୍ଟର ନେଲେ ୩ ହଜାର ପଡୁଥିଲା । ଏବେ ୧୦୦ ଖଣ୍ଡ ପଥର ନେଲେ ୫ ହଜାର ୫ଶହ ଟଙ୍କା ପଡୁଛି । ତେବେ ଓଡ଼ଗାଁ ଓ ଆଖପାଖ ଅଞ୍ଚଳ ଲୋକେ ପଥର ଆଉ ସୁବିଧାରେ ପାଉ ନ ଥିବା ଅଭିଯୋଗ ହେଉଛି । କୋମଣ୍ଡ ପଥରଖଣିରୁ ସରକାର ରାଜସ୍ୱ ହରାଉଥିବାବେଳେ ସାଧାରଣ ଲୋକ ଅଧିକ ଦରରେ ପଥର କିଣୁଛନ୍ତି । ପୁଣି ସ୍ଥାନୀୟ ଲୋକ ପଥର ଠିକରେ ପାଉ ନାହାନ୍ତି । ଏନେଇ ଓଡ଼ଗାଁ ତହସିଲ ଅଞ୍ଚଳର ଦାମୋଦର ସାହୁ, ମିନକେତନ ନାୟକ, ସୁଦାମ ପ୍ରଧାନ କୁହନ୍ତି, ଲୋକେ ଅଧିକ ଦରରେ କୋମଣ୍ଡ ପଥର କିଣୁଥିଲେ ମଧ୍ୟ ସରକାର ରାଜସ୍ୱ ପାଉ ନାହାନ୍ତି । ସରକାର ରାଜସ୍ୱ ପାଉ ନ ଥିଲେ ମଧ ପ୍ରଶାସନ ଅନୁକମ୍ପା ପ୍ରଦର୍ଶନ କରୁଛି । ଅନୁକମ୍ପା ମୂଳରେ ଲାଞ୍ଚ ମୁହଁକୁ ବନ୍ଦକ ରହୁଥିବା ଅଭିଯୋଗ ହୋଇ ଆସୁଛି । ପ୍ରଶାସନ ଏନେଇ ସଫେଇ ଦେଉ ନ ଥିବାରୁ ସାଧାରଣରେ ସମାଲୋଚନା ବଢୁଛି କହି ସେ କ୍ଷୋଭ ପ୍ରକାଶ କରିଥିଲେ ।

**ବିପଦ ଆଁରେ କୋମଣ୍ଡ:** କୋମଣ୍ଡରେ ମାଙ୍କଡ଼ା ପଥର ଖଣି ବଢ଼ି ଚାଲିଛି । ଯେଉଁ ଖଣି ହେଉଛି ସେଗୁଡିକୁ ବାଲି ଫିଲିଂ କରି ପୋତା ଯାଉନି । ଧିରେ ଧିରେ କୋମଣ୍ଡ ଅଞ୍ଚଳରେ ମାଙ୍କଡା ଖଣି ଗର୍ତ୍ତ ସଂଖ୍ୟ ବଢ଼ି ଖଣି ପୋଖରୀର ରୂପ ନେଉଛି। ଖଣି ପୋଖରୀରେ ଗୃହପାଳିତ ପ୍ରାଣୀ, ଜଙ୍ଗଲର ଜୀବଜନ୍ତୁ, ଲୋକମାନେ ପଡି ପ୍ରାଣ ହରାଉଛନ୍ତି । ସରକାରଙ୍କର ଲଗମା ନ ଥିବାରୁ ଖଣି ଯୋଗୁ ଧିରେ ଧିରେ କୋମଣ୍ଡ ବିପଦ ଆଁକୁ ଠେଲି ହୋଇ ଗଲାଣି ବୋଲି ପରିବେଶବିତ୍‌ମାନେ ସତର୍କ କରି ସାରିଲେଣି ।

## ନୂଆଗାଁ ବ୍ଲକରେ ହୋମ୍ ଭୋଟିଂ ଆରମ୍ଭ

ନୂଆଗାଁ,୧୪।୫(ଧନେଶ୍ୱର ସାହୁ)



ହୋମ୍ ଭୋଟିଂ ପାଇଁ ମତଦାତାଙ୍କ ଘରେ ବୁଥ୍ ପ୍ରସ୍ତୁତ କରାଯାଇଛି ।

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅଧୀନ ନୂଆଗାଁ ବ୍ଲକରେ ମଙ୍ଗଳବାର ହୋମ୍ ଭୋଟିଂ ଆରମ୍ଭ ହୋଇଛି । ଏହି ହୋମ୍ ଭୋଟିଂ ଦୁଇଦିନ ଧରି ଚାଲିବ ବୋଲି ବିଡିଓ ସୂଚନା ଦେଇଛନ୍ତି ।

ଚଳିତ ସାଧାରଣ ନିର୍ବାଚନରେ ଆସନ୍ତା ୨୦ ତାରିଖ ଦିନ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ମତଦାନ କରାଯିବ । ସେହି ପରିପ୍ରେକ୍ଷୀରେ ଦଶପଲ୍ଲା ନିର୍ବାଚନମଣ୍ଡଳୀ (୧୨୧)ରେ ମଧ୍ୟ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଚଳିତ ବର୍ଷ ନୂଆଗାଁ ବ୍ଲକର ୨୨ ପଞ୍ଚାୟତରେ ଥିବା ୭୬୧୪୩ ଜଣ ଭୋଟରଙ୍କ ପାଇଁ ମୋଟ ୯୩ଟି ବୁଥ୍ ପ୍ରସ୍ତୁତ କରାଯାଇଛି । ଚଳିତ ନିର୍ବାଚନରେ ମତଦାନ ଅଧିକ କରିବା ନିମନ୍ତେ ହୋମ ଭୋଟିଂର ବ୍ୟବସ୍ଥା କରାଯାଇଛି । ଏଥିରେ ମତଦାନ କେନ୍ଦ୍ରକୁ ଯାଇ ପାରୁ ନ ଥିବା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ମତଦାନ ଆଣିବା ପାଇଁ ଏକ ଟିମ୍ ସେମାନଙ୍କ ଘରକୁ ଯାଇ ଭୋଟ ସଂଗ୍ରହ କରିବେ । ନୂଆଗାଁ ବ୍ଲକର ୫୦ ଜଣ ବ୍ୟକ୍ତିଙ୍କୁ ହୋମ ଭୋଟିଂ ପାଇଁ ଚିହ୍ନଟ କରାଯାଇଥିବା ବେଳେ ୨ଟି ଟିମ୍ ଦୁଇ ଦିନ ପାଇଁ ହୋମ ଭୋଟିଂ କରିବାର ବ୍ୟବସ୍ଥା କରାଯାଇଛି । ସେହିଭଳି ନୂଆଗାଁ ବ୍ଲକର ନୂଆଗାଁ ପଞ୍ଚାୟତରେ ୧୫୬, ୧୫୭, କୋରଡା ପଞ୍ଚାୟତରେ ୧୫୪, ୧୫୫, ନୂଆଗାଁ ପଞ୍ଚାୟତ ଖାଲମଡ଼ା ୧୫୮, ୧୫୯, ଉଦୟପୁର ୧୫୦ କୋରଡା ପଞ୍ଚାୟତ ମହିତମା ୧୫୧, ଲୁଣିସରା ୧୫୨, ବାଲଣ୍ଡା ୧୬୮ ଓ ସମ୍ପଡା ୧୭୦ନଂ ବୁଥ୍‌କୁ ପିଙ୍କ୍ ବୁଥ ବା ସଖୀ ମତଦାନ କେନ୍ଦ୍ର କରାଯାଇଛି । ସେହିପରି ଜାକେଡା ୧୬୩ ନଂ. ବୁଥ୍‌କୁ ଶାରୀରିକ ଅକ୍ଷମ ମତଦାନ କେନ୍ଦ୍ର କରାଯାଇଛି । ପିଙ୍କ୍ ବୁଥ୍ ବା ସଖୀ ମତଦାନ କେନ୍ଦ୍ରରେ ମହିଳା କର୍ମଚାରୀ ଓ ପିଡବ୍ଲ୍ୟୁଡି ବୁଥ୍ ବା ଶାରୀରିକ ଅକ୍ଷମ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗ କର୍ମଚାରୀ ମତଦାନ କାର୍ଯ୍ୟକୁ ପରିଚାଳନା କରିବେ ।

